୩ - ୯ ମାର୍ଚ୍ଚ ୨୦୨୪

ସକାଳ
THE SAKALA

ରବିବାର

# ସିନ୍ଧୁରା

- ସାଇବର ସଂକଟ
- ସାଇବର ଅପରାଧ ପ୍ରତିରୋଧ
- ଭାରତରେ ସାଇବର ଅପରାଧ
- ଡିଜିଟାଲ୍ ରାକ୍ଷାସର 'ସଫ୍ଟୱେର ଖେଳ'
- ଅଦୃଶ୍ୟ ଠକଙ୍କ ମାୟାଜାଲ
- ଠକେଇରୁ ବର୍ତ୍ତିବା ପାଇଁ ସତର୍କତା



# ଡିଜିଟାଲ୍ ଡକାୟତି



ଆଧୁନିକ ମଣିଷ ବେଶ୍ ଶିକ୍ଷିତ ଓ ଜ୍ଞାନକୌଶଳରେ ପାରଙ୍ଗମ । ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ମଣିଷ ସବୁ ଅସମ୍ଭବକୁ ସମ୍ଭବ କରିପାରୁଛି । ନୂଆ ନୂଆ ଟେକ୍ନୋଲୋଜିକୁ ବ୍ୟବହାର କରି ସେ ଅସାଧ କାମକୁ ମଧ ସାଧ କରିପାରୁଛି । କମ୍ପ୍ୟୁଟର୍ ଓ ଇଣ୍ଟରନେଟ୍ ସହଯୋଗରେ ସାରା ବିଶ୍ୱର ଗତିବିଧିକୁ ଜାଣିପାରୁଛି । ଗୋଟିଏ ପଟେ ସମୃଦ୍ଧଶାଳୀ ହେବାରେ ଲାଗିଛି ଟେକ୍ନୋଲୋଜି, ଅନ୍ୟପଟେ ଏହାର ଦୁରୁପଯୋଗ ବିପଜ୍ଜନକ ସାଜିଛି ମଣିଷ ପାଇଁ ।

ବଦଳି ଯାଇଛି ଚୋରି ଓ ଠକେଇ କରିବାର ଶୈଳୀ । ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆଧାର କରି ବଢ଼ିଚାଲିଛି ଚୋରି, ଠକେଇ । ଆଖି ପିଛୁଳାକେ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ଅଦୃଶ୍ୟ ଠକ । ଏଭଳି ଅଦୃଶ୍ୟ ଅପରାଧ ହେଉଛି ସାଇବର ଅପରାଧ । ନୂଆ ନୂଆ ସଫ୍ଟୱେର୍ ଓ ଆପ୍‌କୁ ଅସ୍ତ୍ର କରି ସାଇବର ଅପରାଧୀମାନେ ଘଟାଇ ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧ । ଯେ କୌଣସି ବ୍ୟକ୍ତି, ଦେଶ ବା ଆର୍ଥିକ ଅବସ୍ଥା ପ୍ରତି ବିପଜ୍ଜନକ ସାଇବର ଅପରାଧ । ନୂତନ ଟେକ୍ନୋଲୋଜି ବୃଦ୍ଧି ସହିତ ବଢ଼ି ଚାଲିଛି ଏହି ଅପରାଧ ।

କମ୍ପ୍ୟୁଟର ଓ ଇଲେକ୍ଟ୍ରୋନିକ୍ସ ଉପକରଣର ଦୁରୁପଯୋଗ କରି ଆଖି ପିଛୁଳାକେ ଅପରାଧୀମାନେ ଲୁଟି ନେଉଛନ୍ତି କୋଟି କୋଟି ଟଙ୍କା । ହ୍ୟାକ୍ କରୁଛନ୍ତି ବିଭିନ୍ନ ସରକାରୀ ୱେବ୍‌ସାଇଟ୍ । ଚୋରି କରିନେଉଛନ୍ତି ବ୍ୟକ୍ତିଗତ ଓ ସରକାରୀ ତଥ୍ୟ । ଟାର୍ଗେଟ କରୁଛନ୍ତି ପ୍ରତିଷ୍ଠିତ ବ୍ୟକ୍ତି, ବଡ଼ ବଡ଼ ବ୍ୟବସାୟୀ ପ୍ରତିଷ୍ଠାନ, ସରକାରୀ ଅଫିସ୍‌କୁ ।

ସାରା ବିଶ୍ୱରେ ସାଇବର ଅପରାଧ ବଢ଼ିବାରେ ଲାଗିଛି । ଏହାକୁ ରୋକିବା ଏବେ ବଡ଼ ଆହ୍ୱାନ ପାଲଟିଛି । ଅପରାଧୀଙ୍କୁ ଧରିବା ଓ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନାଗୁଡ଼ିକ ଖୋଲାଯାଇଛି । ସାଇବର ଅପରାଧକୁ ରୋକିବା ପାଇଁ ଅନେକ ଆଇନ ରହିଛି । ତଥାପି ଅପରାଧକୁ ନିୟନ୍ତ୍ରଣ କରି ହେଉନାହିଁ । କମ୍ପ୍ୟୁଟର ମାଉସ୍‌ର ଗୋଟିଏ କ୍ଲିକ୍‌ରେ ସେମାନେ ଘଟାଇ ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧ । ସାଇବର୍ ଅପରାଧରୁ ବର୍ତ୍ତିବା ପାଇଁ ସତର୍କ ଓ ସଚେତନ ହେବା ଆବଶ୍ୟକ । ନଚେତ୍ ଗୋଟିଏ ମୁହୂର୍ତ୍ତରେ ସର୍ବସ୍ୱାନ୍ତ କରିଦେବେ ଏହି ଅଦୃଶ୍ୟ ଠକ । ସାଇବର ଅପରାଧର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **ଡିଜିଟାଲ୍ ଡକାୟତି**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ



**ମେଷ**

ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।



**ବୃଷ**

ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ସହ ଖାପଖୁଆଇ ଚଳିବେ । ମଙ୍ଗଳ, ବୁଧ, ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର,ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ଯାଇପାରେ ।



**ମିଥୁନ**

ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।



**କର୍କଟ**

ରବି, ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି ।



**ସିଂହ**

ରବି,ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଅର୍ଥହାନିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।




**କନ୍ୟା**

ରବି,ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ବ୍ୟବସାୟ ସମ୍ବନ୍ଧରେ ଦୂରଯାତ୍ରା କରିବେ । ଶୁକ୍ର,ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହେବେ ।



**ତୁଳା**

ରବି,ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ । ମଙ୍ଗଳ, ବୁଧ,ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର,ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।



**ବିଛା**

ରବି, ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର, ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।




**ଧନୁ**

ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ । ଶୁକ୍ର,ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।




**ମକର**

ରବି, ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର,ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।



**କୁମ୍ଭ**

ରବି,ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର,ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇଁ ସଠିକ୍ ମାର୍ଗ ଅନୁସରଣ କରିବେ ।



**ମୀନ**

ରବି,ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।



# ସାଇବର ସଂକଟ

ପ୍ରସନଜିତ ମହାଲିକ



ବର୍ତ୍ତମାନର ଯୁଗ ହେଉଛି ଇଣ୍ଟରନେଟ୍‌ର ଯୁଗ । ଟିପ ଆଗରେ ଅତ୍ୟାଧୁନିକ ଜ୍ଞାନକୌଶଳ । ମୋବାଇଲ୍ ଓ କମ୍ପ୍ୟୁଟର । ଫାଇଭ୍-ଜି ଇଣ୍ଟରନେଟ୍ ସେବା । ଇଣ୍ଟରନେଟ୍ ବିନା ଜୀବନଯାତ୍ରା ସତେଯେପରି ଅସମ୍ପୂର୍ଣ୍ଣ ହୋଇଯାଇଛି । ହାତମୁଠାରେ ବ୍ୟାଙ୍କ ଟ୍ରାନ୍‌ଜାକସନ୍... ଏ ଟୁ ଜେଡ୍... । ଘରକୁ ତେଜରାତି ସାମଗ୍ରୀ ହେଉ କି ଚାକିରି ଚିନ୍ତା ସବୁ କିଛି ଅନ୍‌ଲାଇନ୍‌ରେ । ଆଉ ଏସବୁ ସୁବିଧା ତ' ସାଇବର ଅପରାଧ ବଢ଼ିବାର ପର୍ଯ୍ୟାପ୍ତ ମୂଳଦୁଆ । କିନ୍ତୁ ବିଡ଼ମ୍ବନା ହେଉଛି, ଦିନକୁ ଦିନ ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ଉପରେ ଲୋକଙ୍କ ନିର୍ଭରଶୀଳତା ଯେତିକି ବଢ଼ି ଚାଲିଛି, ତା' ସହିତ ତାଳଦେଇ ସାଇବର ଅପରାଧ ଓ ଅପରାଧୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଏହା କେବଳ ଆଞ୍ଚଳିକ କିମ୍ବା ଜାତୀୟ ସମସ୍ୟା ନୁହେଁ, ବରଂ ଅନ୍ତର୍ଜାତୀୟ ସଙ୍କଟ ରୂପେ ଉଭା ହୋଇଛି । ଲୋକଙ୍କ ଲାଭ, ଲୋଭ ଓ ଉଚ୍ଚାକାଂକ୍ଷାକୁ ସୁଯୋଗ ଭାବେ ଗ୍ରହଣ କରି ଗଲା ଦଶନ୍ଧିଟିଏ ହେବ ସାଇବର ଅପରାଧୀମାନେ କୋଟି କୋଟି ଟଙ୍କା ଠକି ଚାଲିଛନ୍ତି ।

## ଦେଶରେ ସାଇବର ମାମଲା ୯% ବୃଦ୍ଧି

୨୦୧୯ ମସିହାରେ ଭାରତରେ ୪୪, ୫୪୬ ଟି, ୨୦୨୦ ମସିହାରେ ୫୦, ୦୩୫ ଓ ୨୦୨୧ ମସିହାରେ ୫୨, ୯୪୭ଟି ସାଇବର ଅପରାଧ ସମ୍ପର୍କିତ ମାମଲା ପଞ୍ଜୀକୃତ ହୋଇଛି । ୨୦୨୦ ମସିହାରେ ୧୮, ୪୨୦ ଜଣ ସାଇବର ଅପରାଧୀ ଗିରଫ ହୋଇଛନ୍ତି । ଏହାବାଦ୍ ଲୋକଙ୍କ ସଚେତନତାର ଅଭାବ ଓ ଅଜ୍ଞତା ଯୋଗୁଁ ପଞ୍ଜୀକୃତ ତଥା ଅଭିଯୋଗ ହେଉନଥିବା ଅପରାଧର ସଂଖ୍ୟା ଆହୁରି ଅଧିକ ହୋଇପାରେ। ଅନୁରୂପ ଭାବେ ଭାରତରେ ୨୦୨୨ରେ ୧୩, ୯୧, ୪୬୦ ଥର, ୨୦୨୧ ରେ ୧୪, ୦୨, ୮୨୧ ଥର, ୨୦୨୦ ରେ ୧୧, ୫୮, ୨୧୦ ଥର କମ୍ପ୍ୟୁଟର ମାଧ୍ୟମରେ ସାଇବର ଆକ୍ରମଣ ହୋଇଥିବା ବେଳେ ୨୦୧୯ ମସିହାରେ ଏହି ସଂଖ୍ୟା ଥିଲା ମାତ୍ର ୩୯, ୪୫୦। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅଧିକ ସାଇବର ଠକେଇ ଘଟଣା ପଦାକୁ ଆସୁଛି । ଦେଶରେ ୨୦୨୧ ମସିହାରେ ସାଇବର ଜନିତ ୫୨ହଜାର ୯୭୫ ମାମଲା ରୁଜୁ ହୋଇଥିଲା । ଯାହା ଏହାର ପୂର୍ବ ବର୍ଷ ଅପେକ୍ଷା ୯ ପ୍ରତିଶତ ବୃଦ୍ଧି ହୋଇଥିଲା ।



## ଲାଇକ୍, ସେୟାର କରିବା ପରେ ଆକାଉଣ୍ଟ ଖାଲି

ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ସାଇବର ଠକ ଲୋଭନୀୟ ଅନ୍‌ଲାଇନ୍ ଚାକିରିର ବିଜ୍ଞାପନ ଦେଉଛନ୍ତି । ଏହାକୁ ପଢ଼ି ସେଥିରେ ଥିବା ଲିଙ୍କ୍ କ୍ଲିକ୍ କରିବା ମାତ୍ରେ ତୁରନ୍ତ ତାକୁ ସୋସିଆଲ୍ ମିଡିଆ 'ଟେଲିଗ୍ରାମ'ର ଏକ ଗ୍ରୁପ୍‌ରେ ଯୋଡ଼ି ଦିଆଯାଉଛି । ଏଇଠୁ ସାଇବର ଠକେଇର ମୂଳଦୁଆ ପଡୁଛି । ଥରେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହେବା ପରେ ସେଥିରେ ଆକ୍ଟିଭ ଥିବା ସାଇବର ଠକ ରୋଜଗାରର ଲୋଭ ଦେଖାଉଛନ୍ତି । ସୋସିଆଲ୍ ମିଡିଆ ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଗୁଗୁଲ୍ ୱେବ୍‌ସାଇଟ୍‌ରେ ଲାଇକ୍, ସେୟାର୍ ଓ ଭଲ ଭଲ କମେଣ୍ଟ ଦେଲେ ମୋଟା ଟଙ୍କା ମିଳିବ ବୋଲି କୁହାଯାଉଛି । ଗ୍ରୁପ୍‌ରେ ଥିବା ୟୁଜର୍ସ କିଭଳି ରୋଜଗାର କରୁଛନ୍ତି, ତାହାର ଜାଲ ବ୍ୟାଙ୍କ ତଥ୍ୟ ପ୍ରଦାନ କରାଯାଉଛି । ଯିଏ ଏହି କଥାକୁ ବିଶ୍ୱାସ କଲା ତାହାକୁ ସାଇବର ଠକ ଫସାଇବା ଆରମ୍ଭ କରିଥାଏ । ପ୍ରଥମେ ଲାଇକ୍, ସେୟାର କରିବାକୁ କିଛି ଟାସ୍କ ଦିଆଯାଉଛି । ପରେ ତୁରନ୍ତ କିଛି ଟଙ୍କା ମିଳିବା ଆରମ୍ଭ ହେଉଛି । ଏହାପରେ ବଡ଼ ବଡ଼ ଟାସ୍କ କରିବାକୁ ହେଲେ ଉକ୍ତ ବ୍ୟକ୍ତିକୁ ଆଗ୍ରିମ ଟଙ୍କା ଦେବାକୁ କୁହାଯାଉଛି । ଏମିତିକି ଏହି ଗ୍ରୁପ୍‌ରେ ପରାମର୍ଶଦାତା, ଶିକ୍ଷକ ଓ ବିଶେଷଜ୍ଞ ରହି ଟଙ୍କା ନିବେଶ କରିବାକୁ ଗ୍ରୁପ୍‌ରେ ଥିବା କିଛି ବ୍ୟକ୍ତି ମନେଇ ଟଙ୍କାର ଲୋଭ ଦେଖାଉଛନ୍ତି । ଟଙ୍କା ଦେବାକୁ ରାଜି ହୋଇଗଲେ ସାଇବର ଠକଙ୍କ ଅସଲ ଖେଳ ଆରମ୍ଭ ହୋଇଥାଏ । ଟଙ୍କା ଫେରସ୍ତ ବେଳକୁ କୁହାଯାଉଛି, ଆକାଉଣ୍ଟ ବନ୍ଦ ହୋଇଛି । ଆଉ କିଛି ଟଙ୍କା ନିବେଶ କର, ଏକାଥରେ ଟଙ୍କା ମିଳିବ । ଏପରିକି ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଜମା ହୋଇଥିବାର ଜାଲ୍ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ ମଧ୍ୟ ଦିଆଯାଉଛି ।

## ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ୨୦୨୨ରେ ରାଜ୍ୟରେ ସାଇବର ଅପରାଧ ଗ୍ରାଫ୍

| କେଉଁ ପ୍ରକାର ଅପରାଧ | କେତେ | ଦେଶରେ ଓଡ଼ିଶାର ସ୍ଥାନ |
|---|---|---|
| ମୋଟ୍ ମାମଲା | ୧୯୮୩ | ୭ନମ୍ବର |
| ନଗ୍ନ ଫଟୋ ଭିଡିଓ | ୫୫୦ | ୪ନମ୍ବର |
| ଠକେଇ ଓ ଜାଲିଆତି | ୯୫୭ | ୫ନମ୍ବର |
| ଅନ୍‌ଲାଇନ୍ ଟଙ୍କା ଠକେଇ | ୪୩୪ | ୫ନମ୍ବର |
| ମହିଳା ସମ୍ପର୍କିତ | ୫୭୪ | ୭ନମ୍ବର |
| ଶିଶୁ ସମ୍ପର୍କିତ | ୪୮ | ୯ନମ୍ବର |

## ଓଡ଼ିଶା ପୁଲିସର ତଥ୍ୟ

| ମସିହା | ମାମଲା |
|---|---|
| ୨୦୧୮ | ୮୬୭ |
| ୨୦୧୯ | ୧୪୭୫ |
| ୨୦୨୦ | ୧୯୩୧ |
| ୨୦୨୧ | ୨୦୩୭ |
| ୨୦୨୨ | ୧୯୮୩ |
| ୨୦୨୩ | ୧୨୮୭ |

| ରାଜ୍ୟ | ଅଭିଯୋଗ | ଚାର୍ଜସିଟ୍ |
|---|---|---|
| ତେଲଙ୍ଗାନା | ୧୦, ୭୨୨ | ୪୨.୫ |
| ଆନ୍ଧ୍ରପ୍ରଦେଶ | ୬, ୪୪୬ | ୪୦.୧ |
| ଓଡ଼ିଶା | ୫, ୪୦୦ | ୩୩.୫ |
| ଝାଡ଼ଖଣ୍ଡ | ୪, ୨୦୮ | ୫୩.୦ |
| ପଶ୍ଚିମବଙ୍ଗ | ୨, ୬୧୭ | ୪୫.୯ |
| ଛତିଶଗଡ଼ | ୮୭୨ | ୮୭.୪ |



## ତଦନ୍ତରେ ବଳ ଯୋଗାଉଛି ୧୮ ଟି ଥାନା

ଅପରାଧ ନିୟନ୍ତ୍ରଣ ଓ ଅପରାଧୀମାନଙ୍କ ମୁକାବିଲା ପାଇଁ ଓଡ଼ିଶାରେ ଏବେ ୧୮ ଟି ସ୍ୱତନ୍ତ୍ର ସାଇବର ଥାନା ଖୋଲାଯାଇଛି । ଏଥିସହିତ ଅନ୍ୟ ସମସ୍ତ ଥାନାରେ ମଧ୍ୟ ଏ ସମ୍ପର୍କିତ ମାମଲା ଗ୍ରହଣ କରାଯାଉଛି । ୨୦୨୩ରେ ୧୨୮୭ଟି ମାମଲା ରୁଜୁ ହୋଇଥିଲା । ଭୁବନେଶ୍ୱର ୧୨୮, ବଲାଙ୍ଗିର ୩୨, ବାଲେଶ୍ୱର ୨୪, ରାଉରକେଲା ୨୫, କଳାହାଣ୍ଡି ୧୪, କେନ୍ଦୁଝର ୧୬, ସମ୍ବଲପୁର ୨୭ ଓ କଟକ ୪୬, ଅନୁଗୁଳରେ ୨୭, ବ୍ରହ୍ମପୁର ୨୭, କ୍ରାଇମ୍‌ବ୍ରାଞ୍ଚ ୨, କନ୍ଧମାଳ ୭, କୋରାପୁଟ୍ ୧୯, ମୟୁରଭଞ୍ଜ ୨୪, ପୁରୀ ୨୭ ମାମଲା ରହିଛି ।

## ପ୍ରତି ଘଣ୍ଟାରେ ୯୭ ସାଇବର ଅପରାଧ

ପ୍ରତିବର୍ଷ ଏହାର କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାକୁ ଦେଖି ଆକଳନ କରାଯାଉଛି ଯେ, ୨୦୨୪ ମସିହା ଶେଷ ବେଳକୁ ପୃଥିବୀରେ ପ୍ରତି ଘଣ୍ଟାରେ ୯୭ ସାଇବର ଅପରାଧ ଓ ପ୍ରତି ୩୯ ସେକେଣ୍ଡରେ ଗୋଟିଏ କମ୍ପ୍ୟୁଟର ଉପରେ ସାଇବର ଆକ୍ରମଣ ହୋଇପାରେ । ସେହିପରି ପ୍ରାୟ ୨୨ ପ୍ରତିଶତ ମହିଳା ସାଇବର ଆକ୍ରମଣର ଶିକାର ହେଉଥିବା ବେଳେ ଶିଶୁମାନେ ସାଇବର ଦୁନିଆ ସହିତ ଅଧିକ ମାତ୍ରାରେ ଜଡ଼ିତ ହେଉଛନ୍ତି । ଅପରାଧୀମାନଙ୍କର ଶିକାର ଯେ କୌଣସି ବ୍ୟକ୍ତି, ସଂଗଠନ, ବୈଷୟିକ ଅନୁଷ୍ଠାନ, ସାମାଜିକ ବ୍ୟବସ୍ଥା ବା ସରକାରୀ ଦପ୍ତର ହେଉଥିବା ଦେଖାଯାଉଛି । ଏହାପଛର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଅନ୍ୟର ପଇସା ଠକିନେବା ଓ ତଥ୍ୟ ଚୋରି କରିବା । ଯେତେବେଳେ ଆମେ କମ୍ପ୍ୟୁଟରକୁ ଇଣ୍ଟରନେଟ୍ ସହିତ ସଂଯୋଗ କରୁ, ଏହା ହୋଇଯାଏ ଅନ୍‌ଲାଇନ୍ । ୱାଲର୍ଡ ୱାଇଡ୍ ୱେବ୍ ଦ୍ୱାରା ରେଡିଓ ୱେବ୍ ବା ରେଡିଓ ସିଗ୍ନାଲ୍ ଜରିଆରେ ଆମର ଯନ୍ତ୍ରାଂଶଟି ପୃଥିବୀର ଇଣ୍ଟରନେଟ୍ ସଂଯୋଗ ଥିବା ସମସ୍ତ ଯନ୍ତ୍ରାଂଶ ସହ ପ୍ରତ୍ୟକ୍ଷ ସଂଯୋଗ ରକ୍ଷା କରେ ଓ ତଥ୍ୟ ହସ୍ତାନ୍ତର ପ୍ରକ୍ରିୟାର ପଥ ଉନ୍ମୁକ୍ତ ହୋଇଯାଏ । ଏଇଠି ଆସେ ଅପରାଧୀର ସାମ୍ରାଜ୍ୟ ଓ ତିଆରି ହୁଏ ଅପରାଧର ନୀଳ ନକ୍ସା । ସାଇବର ଅପରାଧୀମାନଙ୍କ ପ୍ରସ୍ତୁତ ସଫ୍ଟୱେରରେ ବିକଶିତ ଅସ୍ତ୍ରକୁ ଆମେ ସାଇବର ଭାଷାରେ କହିପାରିବା ଭାଇରସ୍ (ଭାଇଟାଲ୍ ଇନ୍‌ଋମେସନ୍ ରିସୋର୍ସେସ୍ ଅଣ୍ଡର ସିଜ୍) । ଯଥା ମାଲ୍‌ୱେର, ରାନ୍ସମ୍ୱେର, ସ୍ପାଇୱେର, ମାଇଡୁମ୍, ଟ୍ରୋଜାନ୍ ହର୍ସ, ଓର୍ମ ଇତ୍ୟାଦି । ଅପରାଧୀମାନେ ସେମାନଙ୍କର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ଅନୁସାରେ ଏହି ଭାଇରସ ସଫ୍ଟୱେର ପ୍ରସ୍ତୁତ କରି କିମ୍ବା କିଣି ବ୍ୟବହାରକାରୀଙ୍କ ଅଜାଣତରେ ବା ବିନା ଅନୁମତିରେ ବ୍ୟବହାର କରୁଥିବା ଯନ୍ତ୍ରାଂଶରେ ଇଣ୍ଟେରନେଟ୍ ଜରିଆରେ ପ୍ରବେଶ କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ବ୍ୟକ୍ତିଗତ ସୂଚନା, ଫୋଟୋ, ଭିଡିଓ, ନଥି, କାଗଜପତ୍ର, ପାସୱାର୍ଡ, ବ୍ୟାଙ୍କ ତଥ୍ୟ ଇତ୍ୟାଦି ଚୋରି କରି ନିଅନ୍ତି । ଏଥିସହିତ ଏହି ଭାଇରସ୍ ଜରିଆରେ ସାଇବର ଅପରାଧୀମାନେ ବ୍ୟବହାରକାରୀଙ୍କ ଉପକରଣକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେଇ ଯାଆନ୍ତି, ଯାହା ସେମାନଙ୍କ ଆପରାଧିକ କାର୍ଯ୍ୟକଳାପକୁ ସୁଗମ କରିଦିଏ ।

## ଆଗକୁ ବଡ଼ ଆହ୍ୱାନ ସୃଷ୍ଟି କରିବ 'ଏଆଇ'




ଗଲା କିଛି ବର୍ଷ ହେବ ନୂଆ କମ୍ପ୍ୟୁଟର ସଫ୍ଟୱେର୍ ପ୍ରସ୍ତୁତି କରିବାର ଏକ ପ୍ରକାର କ୍ରାନ୍ତି ଆସୁଛି । ବହୁ ବଡ଼ ବଡ଼ କମ୍ପାନୀ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ବା ଏଆଇକୁ ଉପଯୋଗ କରି ସଫ୍ଟୱେର୍ ତିଆରି କରି ଚାଲିଛନ୍ତି । ଏହି ଏଆଇ ହିଁ ଆଗାମୀ ଦିନରେ ସାଇବର ବଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏଆଇ ବ୍ୟବହାର କରି 'ଡିପ୍ ଫେକ୍' ବା ପୂରା ଅସଲି ଦେଖାଯାଉଥିବା ଭଳି ନକଲି ଫଟୋ ଓ ଭିଡିଓ ପ୍ରସ୍ତୁତ କରାଯାଉଛି ।

## ରାଜ୍ୟରୁ 'ଶହେ' କୋଟି ସାଇବର ଠକେଇ

ଗୋଟିଏ ବର୍ଷରେ ସାରା ରାଜ୍ୟରୁ ୧୦୩ କୋଟି ଟଙ୍କା ପୋଛି ନେଇଛନ୍ତି । ସାଇବର ଅପରାଧୀମାନେ 'ସ୍ଲିପର୍ ସେଲ୍‌ଫ' ବେଶରେ ରହିଛନ୍ତି । ଗରିବ ଶ୍ରେଣୀର ଲୋକଙ୍କଠାରୁ ତଥ୍ୟ ଆଣି ବ୍ୟାଙ୍କ ଆକାଉଣ୍ଟ ଯୋଗାଡ଼ କରୁଛନ୍ତି । ଆକାଉଣ୍ଟଧାରୀ କିଛି ଅର୍ଥ ବି ଦେଉଛନ୍ତି । ପରେ ଗ୍ରୁପ୍‌କୁ ପରିଚାଳନା କରୁଥିବା ଠକଙ୍କ ଆଇପି ଆଡ୍ରେସ୍ ବା ଇଣ୍ଟରନେଟ୍ ଥିବା ସେମାନଙ୍କ ଆକାଉଣ୍ଟର ଠିକଣା ନାଇଜେରିଆ, ତାଇୱାନ, କାନାଡ଼ା ଓ ୟୁରୋପ ଦେଶଗୁଡ଼ିକ ଦେଖାଉଛି । ଭୁବନେଶ୍ୱରରୁ କେବଳ ୩୦ କୋଟି ଟଙ୍କା ଠକେଇ ହୋଇଛି । ତେବେ ଓଡ଼ିଶାରେ ସାଇବର ଠକେଇ ବଢୁଥିବାରୁ ହାଇକୋର୍ଟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହାକୁ ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।



## ମହାଠକଙ୍କ ଶବ୍ଦକୋଷ

ସାଇବର ଅପରାଧର ଏକ କୌଶଳ ହେଲା କୌଣସି ଭାଇରସ୍ ବିନା କେବଳ ଅପରପକ୍ଷରେ ଫୋନ୍ ନମ୍ବର, ଇମେଲ୍,ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟେଲିଗ୍ରାମର ନମ୍ବର ଓ ଲିଙ୍କ୍ ଦେଇ ଇପ୍‌ସିତ ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କଠାରୁ ଟଙ୍କା ଠକେଇ କରିବା । ସାଇବର ଦୁନିଆରେ ଶବ୍ଦକୋଷରେ ପ୍ରବେଶ କରୁଥିବା ମୁଖ୍ୟାଂଶ ଗୁଡ଼ିକ ହେଲା-ଭିସିଙ୍ଗ, ସ୍ମାଇସିଂ, ଫିସିଂ, ଡିଓଏସ୍ ଆଟାକ୍, ଇମେଲ୍ ସ୍ପୁଫିଙ୍ଗ ଆଣ୍ଡ ବମ୍ବିଂ, ସାଇବର ଷ୍ଟାକିଂ, ବୁଲିଂ, ଟେରରିଜିମ୍, ଏସ୍ପିନେଜ୍, ଡାଟା ଡିଡ୍ଲିଙ୍ଗ, ସଲାମି ଆଟାକ୍, ୱେ ଜ୍ୟାକିଂ, ଚାଇଲ୍ଡ ପୋର୍ନୋଗ୍ରାଫି, ଆଇଡେଣ୍ଟିଟି ଥେଫ୍ଟ, ହ୍ୟାକିଂ, ହନି ଟ୍ରାପ୍ ଓ ଏପରି ଅନେକ । ଏହି ଧରଣର ଅପରାଧ ଓ ଅପରାଧୀଙ୍କ ଦ୍ୱାରା ଅଧିକ ମାତ୍ରାରେ ଶିକାର ହୁଅନ୍ତି ବରିଷ୍ଠ ନାଗରିକ, ମହିଳା, ଶିଶୁ, ଗ୍ରାମାଞ୍ଚଳ ଲୋକ ଓ ଇଣ୍ଟରନେଟ୍ ବ୍ୟବହାରର କୌଶଳ ଅଳ୍ପ ଜାଣିଥିବା ଲୋକମାନେ ।



# ଠକେଇର ତରିକା

## ରିହାତି ବିଦେଶ ଭ୍ରମଣ

ଫୋନ୍ କରି ବୁକିଂ କରାଯାଇଥିବା ଟ୍ରେନ୍, ବସ୍, ଉଡ଼ାଜାହାଜ ଟିକଟ୍, ହୋଟେଲ, ଭ୍ରମଣ ବା ପର୍ଯ୍ୟଟନ ପାଇଁ ଉର୍ଦ୍ଦିଷ୍ଟ ଟିକଟ୍ ଅତ୍ୟଧିକ ରିହାତି ମିଳୁଥିବା କହି ଠକେଇ କରୁଛନ୍ତି। ସେହିପରି ବିଦେଶରୁ ଆସିଥିବା ଫଣ୍ଡ ପାଇଁ ଏୟାରପୋର୍ଟରେ କଷ୍ଟମ୍ ଡ୍ୟୁଟି ଦେବାକୁ କହି ଲୁଟୁଛନ୍ତି।

## ଅଳ୍ପ ଟଙ୍କାରେ ଅଧିକ ଲାଭ

ସାଇବର ଅପରାଧୀମାନେ ଅନ୍‌ଲାଇନ୍ ଜରିଆରେ ଅଳ୍ପ ଟଙ୍କା ଜମା ଦେଇ କମ୍ ଦିନରେ ଅଧିକ ସୁଧ ସହ ମୂଳ ଧନ ଫେରାଇବାର ପ୍ରତିଶ୍ରୁତି ଦେଇ ଅର୍ଥ ଲୁଟି ନିଅନ୍ତି। ସେଭଳି ଠକମାନେ ପଠାଉ ଥିବା ଭିଡିଓ ଭାଇରାଲ, ଲାଇକ୍,ସେୟାର୍ କଲେ ପଇସା ମିଳିବ କହି ଆକାଉଣ୍ଟର୍ ସବିଶେଷ ବିବରଣୀ ଠକି ନେଇ ଯାଆନ୍ତି।

## ଚିନ୍ତା ବଢ଼ାଇଛି ସେକ୍ସଟ୍ରୋରେସନ୍

ଅପରାଧୀମାନେ ଅନେକ ଉପାୟରେ ବନ୍ଧୁତା କରି ଅଶ୍ଳୀଳ ଫଟୋ କିମ୍ବା ଭିଡିଓ ପ୍ରସ୍ତୁତ କରି ଭାଇରାଲ୍ କରିବାର ଧମକ ଦେଇ ଆକାଉଣ୍ଟରୁ ଅର୍ଥ ଲୁଟ୍ କରିନିଅନ୍ତି। ସେହିପରି ଆପଣଙ୍କ ନାମରେ ଫେସବୁକ୍ ଆକାଉଣ୍ଟ କରି ଆପଣଙ୍କ ସାଙ୍ଗମାନଙ୍କୁ ଦେହ ଖରାପ ଅଛି କହି ଅର୍ଥ ଆଦାୟ କରିପାରନ୍ତି।

## ପାର୍ସଲରେ ନିଶାଦ୍ରବ୍ୟ

ପାର୍ସଲ ବୁକିଂ ଅର୍ଡର୍ ଓ ବାତିଲ କରାଯିବା ବେଳେ ସାଇବର ଅପରାଧୀମାନେ ଗ୍ରାହକଙ୍କୁ ଶିକାର କରୁଛନ୍ତି। ବିମାନବନ୍ଦରରେ ଆପଣ ମଗାଇଥିବା ପାର୍ସଲରେ ନିଶାଦ୍ରବ୍ୟ ଥିବା କହି ଟଙ୍କା ମାଗୁଛନ୍ତି। ନିଜକୁ କଷ୍ଟମ, ଜିଏସ୍‌ଟି, ଆୟକର ଓ ବାଣିଜ୍ୟକର ବିଭାଗ ନାମ କହି ଗିରଫ ଭୟ ଦେଖାଇ ଟଙ୍କା ହଡପ୍ କରୁଛନ୍ତି।ପାର୍ସଲ ବୁକିଂ ଅର୍ଡର ଓ ବାତିଲ୍ କରାଯିବା ବେଳେ ମଧ୍ୟ ସାଇବର ଅପରାଧୀମାନେ ଗ୍ରାହକଙ୍କୁ ଶିକାର କରୁଛନ୍ତି।

## ଭଏସ୍ କ୍ଲୋନିଂ




ଜଣେ ବ୍ୟକ୍ତିଙ୍କ କଣ୍ଠ ରେକର୍ଡିଂ ପାଇଗଲା ପରେ 'ଏଆଇ' ବ୍ୟବହାର କରି ସେଇ ସ୍ୱରରେ ଯେ, କୋଣସି ଲୋକଭଳି କଥା କହି ଯାହାକୁ ବି ବୋକା ବନାଉଛନ୍ତି। ଅବିକଳ କଣ୍ଠ ସ୍ୱର ପ୍ରସ୍ତୁତ କରି ନିଜର ସମ୍ପର୍କୀୟଙ୍କ ଫୋନ୍ କରି ସହାୟତା ମାଗୁଛନ୍ତି। ଭଏସ୍ ସମାନ୍ ଥିବାରୁ ଟଙ୍କା ଆବଶ୍ୟକତାର ଜରୁରି ସମ୍ପର୍କୀୟ ତୁରନ୍ତ ଟଙ୍କା ଦେଇଦେଉଛି। ସେହିପରି ଅନ୍ୟ କାହାର ଠିକଣା ପାଇବା ପରେ ତାଙ୍କୁ କଲ୍ କରି ନିଜକୁ ପୁଲିସର ପରିଚୟ ଦେଇ ପୁଅ କିମ୍ବା ଝିଅ ଥାନାରେ ଅଛି କହି ଟଙ୍କା ମାଗୁଛନ୍ତି।

## ଅଚଳ ଆକାଉଣ୍ଟ ଏବଂ ପଲିସି ନବୀକୃତ

ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବାର ଧମକ ଦେଇ ସମ୍ପୂର୍ଣ୍ଣ ତଥ୍ୟ ନେଇଯାଉଛନ୍ତି। ପରେ ଜମାଖାତାରୁ ଟଙ୍କା ନେଇଯାଉଛନ୍ତି। ଅନୁରୂପ ଭାବେ ମିଆଦ ସମ୍ପୂର୍ଣ୍ଣ ହେବାକୁ ଥିବା ପଲିସିକୁ ନବୀକୃତ କରିବାର ପ୍ରଲୋଭିତ ଠକେଇ କରୁଛନ୍ତି। ସେହିପରି କ୍ରେଡିଟ୍ କାର୍ଡ ଇନ୍‌ସ୍ୟୁରାନ୍ସ, ଫୋନ୍ ପେ'ରେ କ୍ୟାସ୍‌ବ୍ୟାକ ଭଳି ଏକାଧିକ ମିଛ କହି ଟଙ୍କା ନେଉଛନ୍ତି।

## କ୍ରେଡିଟ୍/ଡେବିଡ୍ କାର୍ଡ



ଆପଣଙ୍କ କ୍ରେଡିଟ୍ କାର୍ଡର ଟଙ୍କା ବଢ଼ିବାର ଲୋଭ ଦେଖାଉଛନ୍ତି। କ୍ରେଡିଟ୍‌କାର୍ଡ କ୍ରୟ କ୍ଷମତା ସୀମା ବୃଦ୍ଧି କରିବାର ଚଞ୍ଚକତା କରି ଟଙ୍କା ନେଇଯାଉଛନ୍ତି। ସେଭଳି ଭାବେ କ୍ରେଡିଟ୍ କାର୍ଡ/ଡେବିଡ୍ କାର୍ଡ ବନ୍ଦ ହୋଇଯିବାର ଭୟଭୀତ କରି ଲୋକଙ୍କ ଆକାଉଣ୍ଟରୁ ଟଙ୍କା ନେଇଯାଉଛନ୍ତି। ରାଜଧାନୀରେ ଏଭଳି ଧରଣ ଠକେଇ ଅଧିକ।

## ମାଟ୍ରିମୋନି ସାଇଟ୍‌ରେ ଠକେଇ

ମାଟ୍ରିମୋନି ସାଇଟ୍‌ରେ ବନ୍ଧୁତା ସ୍ଥାପନ କରି ସମ୍ପର୍କକୁ ନିବିଡ଼ କରୁଛନ୍ତି। ବିବାହ ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରୁଛନ୍ତି। ପରେ ସେଇ ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ୍ କରିବାର ଧମକ ଦେଇ ବ୍ଲାକମେଲିଂ କରୁଛନ୍ତି। ଟଙ୍କା ନ ଦେଲେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରୁଛନ୍ତି।

## ଘରଭଡ଼ା ନାଁରେ ଠକେଇ

ରାଜଧାନୀରେ ଘରଭଡ଼ା ନେବାକୁ କହି ଏବେ ଅଧିକ ଠକେଇ ହେଉଛି। ଓଏଲ୍‌ଏକ୍ସ କିମ୍ବା ଅନ୍ୟାନ୍ୟା ଅନ୍‌ଲାଇନ୍ ସାଇଟ୍‌ର ବିଜ୍ଞାପନକୁ ଦେଖି ଠକ ଯୋଗାଯୋଗ କରୁଛନ୍ତି। ଘର ଭଡ଼ା ନେବାକୁ କହି ନୂଆ ଢଙ୍ଗରେ ବିଶ୍ୱାସ ଜନ୍ମାଇ କ୍ୟୁଆର୍ କୋର୍ଡ ପଠାଇ ଟଙ୍କା ନେଇଯାଉଛନ୍ତି।

## ନିଯୁକ୍ତି ଆଳରେ ଠକେଇ

ରାଜ୍ୟରେ ନିଯୁକ୍ତି ଲାଗି ପାଠୁଆ ପିଲା ତହଳବିକଳ ହେଉଛନ୍ତି। ସେମାନଙ୍କ ଫସାଇବା ଲାଗି ସାଇବର ଠକ ଏବେ ସକ୍ରିୟ ହୋଇଛନ୍ତି। ଶିକ୍ଷିତ ଯୁବକ-ଯୁବତୀଙ୍କୁ ନିଯୁକ୍ତିର ଡାଲ କରି ଲୁଟିନେଉଛନ୍ତି ଟଙ୍କା। ଅନ୍‌ଲାଇନ୍‌ରେ ଡାଟା ଏଣ୍ଟ୍ରି ଅପରେଟର, ଓଏଲ୍‌ଏକ୍ସ, କ୍ୟୁଇକର, ଫିସିଙ୍ଗ୍ ୱେବ୍‌ସାଇଟ୍ ଭଳି ପୁଳାପୁଳା ନିଯୁକ୍ତିର ୱେବ୍‌ସାଇଟ୍ ଖୋଲି ଟଙ୍କା ଲୁଟି ନେଉଛନ୍ତି।

## ଓଏଲ୍‌ଏକ୍ସ ଠକେଇ

ଗାଡ଼ିର ବିଜ୍ଞାପନ ଦେଇ ସାଇବର ଠକ ଅଧିକ ଲୁଟ୍‌ପାଟ୍ କରୁଛନ୍ତି। ଲୋକଙ୍କ ମନରେ ବିଶ୍ୱାସଭାଜନ କରିବା ଲାଗି ନିଜକୁ ବାୟୁସେନା, ସ୍ଥଳସେନା ଓ ନୌସେନାର ଯବାନ କହି ଓଏଲ୍‌ଏକ୍ସରେ ଜିନିଷ ବିକ୍ରି କହି ଠକେଇ କରୁଛନ୍ତି। ସେଭଳି କୋରିଅର୍ ସେବା, ପ୍ୟାକର୍ସ ଓ ମୁଭର୍ସ ସେବା, ଶସ୍ତାରେ ଜିନିଷ ଯୋଗାଇ ଦେବା ଆଳରେ ମଧ୍ୟ ଆପଣ ଠକି ହୋଇଯାଇ ପାରନ୍ତି।

## ଟାୱାର୍ ବସାଇବା ଆଳ



ରାଜଧାନୀରେ ଏବେ ଟାୱାର୍ ବସାଇବା ଆଳରେ ଅଧିକ ଠକେଇ ହେଉଛି। ନିଜ ଘର ଛାତରେ ଟାୱାର୍ ବସାଇବା ଲାଗି ଠକ କିଛି ବ୍ୟକ୍ତିଙ୍କୁ ଯୋଗାଯୋଗ କରିବା ପରେ ଲୋଭନୀୟ ଅଫର୍ ଦେଖାଇ ଫସାଉଛନ୍ତି। ଘର ଛାତରେ ଅମୁକ ଟାୱାର୍ ବସାଇଲେ ବର୍ଷକୁ ଟଙ୍କା ମିଳିବ କହି ସବୁ ଗୋପନୀୟ ତଥ୍ୟ ନେଇ ଜମାଖାତାକୁ ଖାଲି କରିଦେଉଛନ୍ତି।

## ବକେୟା ବିଦ୍ୟୁତ୍ ବିଲ୍ ପୈଠ

ବକେୟା ବିଦ୍ୟୁତ୍ ପୈଠ ନ କଲେ ଘଣ୍ଟାଏ ଭିତରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯିବ। ବକେୟା ବିଲ୍ ପୈଠ କରିବା ଲାଗି ହିତାଧିକାରୀ ଲିଙ୍କ୍ ଟିପିଲେ ଜମାଖାତାରୁ ଟଙ୍କା କାଟି ନେଇଯାଉଛି। କେବୁଲ, ନେଟ୍, ଫୋନ୍ ଲାଇନ୍ କାଟି ଦେବାର ଧମକ ଓ ଅନ୍‌ଲାଇନ୍ ପେମେଣ୍ଟ କରିବାକୁ କହି ପଇସା ଲୁଟି ନେଉଛନ୍ତି।

## ୟୁପିଆଇ ଠକେଇ

ୟୁପିଆଇ ଜରିଆରେ ଯଥା- ଫୋନ୍‌ପେ, ଗୁଗଲ୍‌ପେ, ପେଟିଏମ୍, ରୋଜର୍‌ପେ ମାଧ୍ୟମରେ ପଇସା ନେବା ଦେବା ବେଳେ ଚୋରାରେ ଲିଙ୍କ୍ ପଠାଇ ତଥ୍ୟ ଚୋରିକରି ନେଇ ପରବର୍ତ୍ତୀ ସମୟରେ ଆକାଉଣ୍ଟ ଖାଲି କରିଦେଉଛନ୍ତି। ସେଭଳି ବିଭିନ୍ନ ଲୋଭନୀୟ ସ୍କିମ୍ ଦେଖାଇ ଫୋନ୍‌କୁ ଏସ୍‌ଏମ୍‌ଏସ୍ ପଠାଇ ସେଥିରେ ଲିଙ୍କକୁ ଖୋଲି କ୍ଲିକ୍ କରିବା ପରେ ଡାଟା ବି ଚୋରି କରୁଛନ୍ତି।

## ଟାର୍ଗେଟ୍‌ରେ ସ୍ୱତନ୍ତ୍ର ଦିବସ

ଫାଦର୍ସ ଡେ, ମଦର୍ସ ଡେ, ଭାଲେଣ୍ଟାଇନ୍‌ସ ଡେ, ସାଧାରଣତନ୍ତ୍ର ଦିବସକୁ ଟାର୍ଗେଟ୍ କରୁଛନ୍ତି ସାଇବର ଠକ। ବାପା, ମା' ପ୍ରେମିକାକୁ ମାଗଣାରେ ଉପହାର ଦେବାକୁ କହି ଜାଲ ବିଛାଇଛନ୍ତି। କେଉଁଠି ମର୍ସିଡିଜ କାର୍ ତ ଆଉ କେଉଁଠି ଫ୍ଲାଟ୍ ଉପହାର ଜିତିବାର ଲୋଭନୀୟ ଅଫର୍ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ନେଇଯାଇଛି।

## ‘୧୯୩୦’ରେ ନିଃଶୁଳ୍କ ଅଭିଯୋଗ

**ସାଇବର ଅପରାଧ ରୋକିବାକୁ ସରକାରୀ ସ୍ତରରେ ଜାରି ରହିଛି ଉଦ୍ୟମ। କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସମ୍ପର୍କରେ ଅଭିଯୋଗ କରିବାକୁ ହେଲେ ହେଲ୍ପଲାଇନ୍ ନମ୍ବର ‘୧୯୩୦’ ସହ ଯୋଗାଯୋଗ କରନ୍ତୁ। ସପ୍ତାହର ସବୁଦିନ ୨୪ ଘଣ୍ଟିଆ ସେବା ଉପଲବ୍ଧ ରହିଛି। ପାଖ ଥାନାରେ ଜଣାନ୍ତୁ ଓ ସରକାରୀ ପୋର୍ଟାଲ cybercrime.gov.in ରେ ଅଭିଯୋଗ ଦିଅନ୍ତୁ। ବ୍ୟାଙ୍କ ସହ ଯୋଗାଯୋଗ କରି ନିଜର ଆକାଉଣ୍ଟ ଅଚଳ କରନ୍ତୁ।**



## ସାଇବର ଠକଙ୍କ ‘ଆଁ’ରେ ସାରା ରାଜ୍ୟ

ଜମ୍ମୁ-କାଶ୍ମୀର ଓ ଗୋଆ ଭଳି କେତୋଟି ହାତଗଣତି ରାଜ୍ୟକୁ ଛାଡ଼ିଦେଲେ ୨୭ଟି ରାଜ୍ୟରେ ରହିଛି ସାଇବର ଅପରାଧୀଙ୍କ ନେଟ୍‌ୱାର୍କ। ପଶ୍ଚିମବଙ୍ଗର କୋଲକାତା ଓ ମାଲଦା, ଝାଡ଼ଖଣ୍ଡର ରାଞ୍ଚି, ଜମତରା, ଧାନବାଦ ଓ ଦେଓଘର, ବିହାରର ପାଟଣା, ଭାଗଲପୁର, ହାଜିରାବାଗ୍, ଗୟା, ଜଗଦଲପୁର, ସିକିମ୍ ଆଦି ରହିଛି। ସେଭଳି ଉତ୍ତରପ୍ରଦେଶର ଲକ୍ଷ୍ନୌ, ଆଗ୍ରା, ବୁଲନ୍ଦସହର, ରାମଗଡ଼, ଅଲ୍‌ୱାର, ଫିରୋଜପୁର, ସୋହାନ ଆଦି ରହିଛି। ଏଥିସହିତ ଦିଲ୍ଲୀର ନୋଏଡ଼ା, ଗାଜିଆବାଦ, ଗୁରୁଗ୍ରାମ, ଫରିଦାବାଦ ରହିଛି। ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଗୁଜରାଟର ଅହମ୍ମଦବାଦ, ସୁରଟ ଆଦି ଅଦୃଶ୍ୟ ଠକଙ୍କ ନେଟ୍‌ୱାର୍କରେ ରହିଛି। ସେହିପରି ରାଜସ୍ଥାନର ଜୟପୁର, ମଧ୍ୟପ୍ରଦେଶର ଇନ୍ଦୋର, ଛତିଶଗଡ଼ର ଭିଲାଇ, ମହାରାଷ୍ଟ୍ରର ମୁମ୍ବାଇ,ତେଲଙ୍ଗାନାର ହାଇଦ୍ରାବାଦ, କର୍ଣ୍ଣାଟକର ବେଙ୍ଗାଲୁରୁ, କେରଳର କୋଚି, ତାମିଲନାଡୁର ଚେନ୍ନାଇ, ଆନ୍ଧ୍ରପ୍ରଦେଶ ଓ ବିଶାଖାପାଟଣା ଏବଂ ପଞ୍ଜାବରେ ସାଇବର ଠକ ଲୁଚି ରହିଛନ୍ତି।







## ସତର୍କତାରୁ ସାଇବର ଅପରାଧ ସୁରକ୍ଷା

- ପ୍ରଥମେ ସଫ୍ଟୱେର୍, ଇଣ୍ଟର୍‌ନେଟ୍, ୱେବ୍‌ବ୍ରେଜ୍, ଇ-ମେଲ୍, ଏସ୍‌ଏମ୍‌ଏସ୍, ଅନ୍‌ଲାଇନ୍ ବ୍ୟାଙ୍କ ସେବା ଯଥା ଇ- ବ୍ୟାଙ୍କିଙ୍ଗ୍, ଫୋନ୍‌ପେ, ଗୁଗଲ୍‌ପେ, ପେଟିଏମ, ସାମାଜିକ ଗଣମାଧ୍ୟମର ସଠିକ୍ ବ୍ୟବହାର ଉପରେ ସବିଶେଷ ଜ୍ଞାନ ଆହରଣ କରନ୍ତୁ। ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁସାରେ କୌଣସି ବ୍ୟାଙ୍କ, ବୀମା ସଂସ୍ଥା, ଅର୍ଥଲଗାଣକାରୀ ସଂସ୍ଥା ଫୋନରେ କିମ୍ବା ଅନଲାଇନରେ ଆପଣଙ୍କଠାରୁ କୌଣସି କାଗଜପତ୍ର ମାଗିବେ ନାହିଁ କିମ୍ବା କୌଣସି ତଥ୍ୟ ଲୋଡ଼ିବେ ନାହିଁ।
- ଭୁଲ୍‌ରେ ବି କାହାକୁ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଦିଅନ୍ତୁ ନାହିଁ କି ସାମାଜିକ ଗଣମାଧ୍ୟମ କିମ୍ବା ଅନ୍‌ଲାଇନ୍‌ରେ ପଇସା, ଚାକିରି, ଘରଭଡ଼ା, ଶସ୍ତାରେ କିମ୍ବା ବିନାମୂଲ୍ୟରେ ଜିନିଷ ପାଇବା, ପଇସା ଦ୍ୱିଗୁଣିତ ହେବା ଲୋଭର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ଅଧିକ ପାଇବା ଆଶାରେ ଅପରିଚିତ ଲୋକକୁ ପଇସା ପଠାନ୍ତୁ ନାହିଁ କି ଗ୍ରହଣ କରନ୍ତୁ ନାହିଁ।
- ଅଶ୍ଳୀଳ ଫଟୋ, ଭିଡିଓ ଦେଖାଇ ଧମକ ଦେଇ କେହି ପଇସା ମାଗିଲେ ଭୟ ନ କରି ତା’କୁ ଏଡ଼େଇ ଯାଆନ୍ତୁ।
- କମ୍ପ୍ୟୁଟରରେ ଆଣ୍ଟିଭାଇରସ୍ ଲୋଡ୍ କରି ସୁରକ୍ଷିତ, ଜଟିଳ ଓ ଦୀର୍ଘ ପାସ୍‌ୱାର୍ଡ ଦେଇ ତାହାକୁ ସୁରକ୍ଷିତ ରଖନ୍ତୁ। ନକଲି, ଦେୟମୁକ୍ତ ଓ ଶସ୍ତା ବଦଳରେ ଅସଲି ସଫ୍ଟୱେର୍ ବ୍ୟବହାର କରନ୍ତୁ। ନିଜର ପେନ୍ ଡ୍ରାଇଭ୍, ଡାଟା କେବଲ୍, ମୋଡେମ୍, ମୋବାଇଲ୍, ଲ୍ୟାପଟପ୍, କମ୍ପ୍ୟୁଟରକୁ ନିଜ ହେପାଜତରେ ରଖନ୍ତୁ। ଅନ୍ୟ କାହାରିକୁ ବ୍ୟବହାର କରିବାକୁ ଦିଅନ୍ତୁ ନାହି। ମରାମତି କରିବାକୁ ଦେଲେ ସତର୍କ ଦୃଷ୍ଟି ଦିଅନ୍ତୁ କିମ୍ବା ହଜିଗଲେ ସମସ୍ତ ଆକାଉଣ୍ଟ ଅଚଳ କରି ପାସ୍‌ୱାର୍ଡ ବଦଳାଇ ଦିଅନ୍ତୁ।
- ଇମେଲ୍, ହ୍ୱାଟ୍ସଆପ୍, ୱାଇଫାଇ, ଫେସ୍‌ବୁକ୍ ଆଦିର ପାସ୍‌ୱାର୍ଡ କିଛିଦିନ ଅନ୍ତରରେ ନିୟମିତ ବଦଳାଇବା, ବ୍ୟବହାର ପରେ ଲଗ୍‌ଆଉଟ୍ କରିବା ସହ ଏଥିରେ କୌଣସି ଅନ୍ତରଙ୍ଗ ଫଟୋ, ଭିଡିଓ, ବ୍ୟାଙ୍କ ତଥ୍ୟ ଲେଖି ରଖନ୍ତୁ ନାହି।
- ମନେରଖନ୍ତୁ ଯେ ଇଣ୍ଟର୍‌ନେଟ୍ ସାହାଯ୍ୟରେ ପ୍ରତ୍ୟକ୍ଷରେ କମ୍ପ୍ୟୁଟର୍‌କୁ କମ୍ପ୍ୟୁଟର୍ ସହ ସଂଯୋଗ କରାଯାଉଛି ଓ ପରୋକ୍ଷରେ ଆମେମାନେ ଯୋଡ଼ି ହୋଇଯାଇଛୁ। ଆପଣଙ୍କୁ ଯୋଗାଯୋଗ କରୁଥିବା ବ୍ୟକ୍ତି ସଦା ଅପରିଚିତ ଓ ସେ ତାଙ୍କର ଲାଭ ପାଇଁ ଆପଣଙ୍କର କ୍ଷତି କରିପାରିବେ।
- ଅସଲ ୱେବ୍‌ସାଇଟ୍‌କୁ ଯାଇ ତଥ୍ୟ ଓ ସୂଚନା ଖୋଜନ୍ତୁ, ଅପଲୋଡ୍, ଡାଉନ୍‌ଲୋଡ୍, ଯୋଗାଯୋଗ, ସୂଚନା ଆଦାନ ପ୍ରଦାନ କରନ୍ତୁ; ନକଲି ୱେବ୍ ପୃଷ୍ଠାରୁ ଦୂରରେ ରୁହନ୍ତୁ।
- ଆପଣଙ୍କ ପାଖକୁ ଆସୁଥିବା ବାର୍ତ୍ତା ବା ମେସେଜ୍, ଲିଙ୍କ୍, ପପ୍ ଅପ୍, ଅନୁରୋଧ, ଅଫର୍ କିମ୍ବା ଫୋନ୍ କଲ୍‌କୁ ପ୍ରତ୍ୟୁତ୍ତର ଦେବା ପୂର୍ବରୁ କିଛିକ୍ଷଣ ଅପେକ୍ଷା କରନ୍ତୁ, ଟିକେ ଚିନ୍ତା କରନ୍ତୁ, ଠିକ୍ ଭାବିଲେ ଯୋଗାଯୋଗ କରନ୍ତୁ।



## କେଉଁ ଠକେଇ; କେଉଁଠୁ ଅପରେସନ୍

ଓଡ଼ିଶାକୁ ରାଜସ୍ଥାନ ସହ ଗୁଜରାଟ, ବିହାର, ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ, ଗୁରୁଗାଁଓ ଓ ବେଙ୍ଗାଲୁରୁରୁ ଅଧିକ କଲ୍ ଆସୁଛି। ଦିଲ୍ଲୀ/ଏନ୍‌ସିଆର୍‌ରୁ ନିଯୁକ୍ତି ଠକେଇ, ଉତ୍ତର ରାଜସ୍ଥାନରୁ ନକଲି ସରକାର ୱେବ୍‌ସାଇଡ୍, ମେୱାଟ ଟ୍ରାଇ ଜଙ୍କସନ୍‌ରୁ ୱଏଲ୍‌ଏକ୍ସ ଜନିତ କ୍ୟୁଆର୍ କୋର୍ଡ ଠକେଇ, ପଶ୍ଚିମ ୟୁପିରୁ ସୋସିଆଲ ମିଡିଆ ଠକେଇ, ପୂର୍ବ ୟୁପି ଓ ବିହାରରୁ ନକଲି ବାଣିଜ୍ୟିକ ୱେବସାଇଟ୍, ଝାଡ଼ଖଣ୍ଡ (ଜମତରା) ଓ ପଶ୍ଚିମବଙ୍ଗରୁ କେୱାଇସି ଓ ୟୁନୋ ଠକେଇ ସମ୍ପର୍କିତ କଲ୍ ଅଧିକ ଆସୁଥିବା ସୂଚନା ମିଳିଛି। ଗୁଗୁଲ୍ ମ୍ୟାପିଂରୁ ସାଇବର ଠକଙ୍କ ଠିକଣାକୁ ଟ୍ରାକିଂ କରାଯାଇଛି। ସେହିପରି ଟ୍ରାଇ-ଜଙ୍କସନ୍ ବା ତିନିଟି ରାଜ୍ୟର ସୀମାରେଖାର ଜଙ୍ଗଲରେ ରହି ଠକ ଚଳାଇଛନ୍ତି କଲ୍ ସାମ୍ରାଜ୍ୟ। ରାଜସ୍ଥାନ ଭରତପୁର; ହରିୟାଣାର ମେୱାଟ ଓ ଉତ୍ତରପ୍ରଦେଶର ମଥୁରା। ମୋବାଇଲ୍ ବୁଥ୍ ସେଣ୍ଟର୍ ଖୋଲି ପୂରା ନେଟ୍‌ୱାର୍କ ଚଳାଇଛନ୍ତି। ସେଭଳି ଆଉ ଏକ ଟ୍ରାଇ-ଜଙ୍କସନ୍ ବା ସୀମାରେଖା ହେଲା ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ। ସୀମାନ୍ତ ଅଞ୍ଚଳରେ ରହିଥିବା ଦୁର୍ଗମ ଅଞ୍ଚଳରେ ରହି ଦେଶରେ ସର୍ବାଧିକ ଲୁଟ୍ କରୁଛନ୍ତି। ■

କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ମଣିଷର ଜୀବନଯାତ୍ରାରେ କାୟା ବିସ୍ତାର କରିଚାଲିଛି ପ୍ରଯୁକ୍ତିବିଦ୍ୟା। ଘରେ ବସି ମଣିଷ, ହାତମୁଠାରେ ମୋବାଇଲ୍ ମାଧ୍ୟମରେ କୋଟି କୋଟି ଟଙ୍କାର କାରବାର ସହ ଜୀବନକୁ କରିପାରିଛି ସହଜ ଓ ସରଳ। ମାତ୍ର ପ୍ରତି ମୁହୂର୍ତ୍ତରେ ମଣିଷର ମୋବାଇଲରେ ଥିବା ପ୍ରତିଟି ତଥ୍ୟ ଉପରେ କେହି ଜଣେ ନଜର ରଖୁଛି ଓ ସୁଯୋଗ ଦେଖି ତା'ର ତଥ୍ୟ, ଟଙ୍କା ସବୁ କିଛି ଲୁଟି ଚାଲିଛି। ସେମାନଙ୍କୁ ସରଳ ଭାଷାରେ କୁହାଯାଏ ସାଇବର ଅପରାଧୀ। ଯେଉଁମାନେ କ୍ଷଣକରେ ଘଟେଇ ଚାଲିଛନ୍ତି ସାଇବର ଠକେଇ। ସାଧାରଣ ମଣିଷ କେତେବେଳେ ଏହାର ଶିକାର ହେଉଛି, ସେ ନିଜେ ବି ଜାଣି ପାରୁନାହିଁ। ସୁରକ୍ଷିତ ହୋଇ ଆଉ ରହିପାରୁ ନାହିଁ ତା'ର ଡାଟା। ତେବେ କେମିତି ମଣିଷ ନିଜର ଡାଟାର ସୁରକ୍ଷା କରି ସାଇବର ଠକେଇ ଓ ସାଇବର ଅପରାଧରୁ ନିଜକୁ ରକ୍ଷା କରିପାରିବ, ତାହାକୁ ନେଇ ଏଇ ଉପସ୍ଥାପନା...।




# ଡାଟା ସୁରକ୍ଷା ଓ ସାଇବର ଅପରାଧ ପ୍ରତିରୋଧ



ଡକ୍ଟର ଦାମୋଦର ସାହୁ

ସାଇବର ଅପରାଧୀମାନେ ବେଶ୍ ଚାଲାକ୍ ଥାଆନ୍ତି। ପ୍ରତି ମୁହୂର୍ତ୍ତରେ ସେମାନେ ଆମର ପ୍ରତିଟି କାର୍ଯ୍ୟକଳାପ ଉପରେ ନଜର ରଖିଥାନ୍ତି। ମୋବାଇଲ୍ ତଥା କମ୍ପ୍ୟୁଟରକୁ ସେମାନେ ବିଭିନ୍ନ ଲିଙ୍କ୍ ପଠାଇ ଥାଆନ୍ତି। ଯାହାକୁ ଆମେ ନଜର ଅନ୍ଦାଜ କରି ଦେବାର ଆବଶ୍ୟକତା ରହିଛି। ସାଇବର ଅପରାଧୀ ଇମେଲ୍ ମାଧ୍ୟମରେ ମଧ୍ୟ ସାଧାରଣ ଲୋକଙ୍କୁ ଚକ୍‌ମା ଦେଇଥାନ୍ତି ଓ କୋଟି କୋଟି ଟଙ୍କାର ଠକେଇ କେଇ ମିନିଟ୍‌ରେ କରିପାରନ୍ତି। ସମୟ ଥାଉ ଥାଉ ସେସବୁ ପ୍ରତି ଆମକୁ ଯତ୍ନବାନ ହେବାର ନିହାତି ଆବଶ୍ୟକତା ରହିଛି। ଡୋମେନ୍ ବ୍ୟବହାର କରି ତଥା ଫିସିଂ ଆଟେକ୍ କରି ସେମାନେ ସାଧାରଣ ମଣିଷଠୁ ଲୁଟିଥାନ୍ତି। ସିନ୍ଥେଟିକ୍ ଫ୍ରଡ୍‌ର ଶିକାର ହୋଇ ନିଜ ଡାଟାକୁ ସାଇବର ଅପରାଧୀର ହାତରେ ଧରେଇ ଦେଇ ମାନସିକ ଭାବରେ ଭାଙ୍ଗିପଡ଼େ ସାଧାରଣ ବ୍ୟକ୍ତିଟିଏ। ଉଚ୍ଚ ଶିକ୍ଷିତ ବ୍ୟକ୍ତି ଓ ବଡ଼ ବଡ଼ ପଦ ପଦବିରେ ଥିବା ଅନେକ ବ୍ୟକ୍ତିତ୍ୱ, ଯେଉଁମାନେ ପ୍ରଯୁକ୍ତି ବିଦ୍ୟାକୁ ଭଲ ଭାବରେ ଜାଣିଥାନ୍ତି; ସେମାନେ ବି ସାଇବର କ୍ରାଇମ୍‌ର ମାୟାଜାଲରେ ପଡ଼ିଯାଆନ୍ତି। ସାଇବର ଅପରାଧୀମାନେ ଲୋକଙ୍କ ମାନସିକତାକୁ ଯାଞ୍ଚ୍ କରି ସେମାନଙ୍କ ମସ୍ତିଷ୍କ ସହ ଖେଳନ୍ତି। ବିଶେଷ କରି ସେମାନେ ବରିଷ୍ଠ ନାଗରିକଙ୍କୁ ନିଜ ଜାଲରେ ଫସାଇବା ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାଇ ଥାଆନ୍ତି। ପ୍ରତି ମୁହୂର୍ତ୍ତରେ ସେମାନେ ଉଚ୍ଚ ପଦପଦବିରେ ଥିବା ସମ୍ଭ୍ରାନ୍ତ ବ୍ୟକ୍ତିବିଶେଷଙ୍କ ସାମାଜିକ ବା ସୋସିଆଲ୍ ପ୍ରୋଫାଇଲ୍‌କୁ ଦେଖୁଥାନ୍ତି। ସୁଯୋଗ ଓ ସମୟ ଦେଖି ସେମାନଙ୍କୁ ଭୟଭୀତ ଓ ବିଚଳିତ କରି ଅନେକ ଉପାୟରେ ସେମାନଙ୍କଠୁ ବହୁ ଟଙ୍କା ଲୁଟି ନିଅନ୍ତି। ଅନେକ ବ୍ୟକ୍ତି ନିଜର ସମ୍ମାନ ଓ ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ସେମାନଙ୍କ କଥାକୁ ମାନିବାକୁ ବାଧ୍ୟ ହୁଅନ୍ତି। ଅଭିଯୋଗ କରନ୍ତି ନାହିଁ। ଫଳରେ ସେମାନେ ସାଇବର ଠକେଇର ଶିକାର ହୁଅନ୍ତି।



## ସାଇବର ଅପରାଧ ପ୍ରତିରୋଧ ପାଇଁ ପଦକ୍ଷେପ



ନିଜର ଉପକରଣ ଓ ଅନଲାଇନ୍ ଖାତାକୁ ପାସ୍‌ୱାର୍ଡ ଦେଇ ଜଣେ ତାହାର ସୁରକ୍ଷା କରିପାରିବ। ଏହା ଫଳପ୍ରଦ ଉପାୟ ଅଟେ। ଲୋକେ ସରଳ ପାସୱାର୍ଡ ନ ଦେଇ ମଜଭୁତ ପାସ୍‌ୱାର୍ଡ ଦେବାର ଆବଶ୍ୟକତା ରହିଛି। ବ୍ୟକ୍ତି ନିଜର ସମସ୍ତ ଖାତାରେ ମଲ୍ଟି ଫ୍ୟାକ୍ଟରର ପ୍ରମାଣୀକରଣ ବ୍ୟବହାର କଲେ ସାଇବର ଅପରାଧର ଶିକାର ହେବାର ସମ୍ଭାବନା କମ୍। କୌଣସି ଲିଙ୍କ୍ ବା ଆଟେଚ୍‌ମେଣ୍ଟକୁ କ୍ଲିକ୍ କରିବା ପୂର୍ବରୁ ତା' ବିଷୟରେ ସତ୍ୟାସତ୍ୟ ଜାଣିବା ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ। ସର୍ବଦା ନିଜର ମୋବାଇଲ୍, କମ୍ପ୍ୟୁଟର୍ ତଥା ଲାପ୍‌ଟପ୍ ଜଣେ ସୁରକ୍ଷିତ ୱାଇଫାଇରେ ସଂଯୋଗ କରିବା ଉଚିତ। କାରଣ ସକ୍ରିୟ ଓ ନିଷ୍କ୍ରିୟ ହ୍ୟାକର୍ ସହଜରେ ସାର୍ବଜନୀନ ସ୍ଥାନରେ ଥିବା ନେଟ୍‌ୱାର୍କକୁ ବାଧିତ କରିପାରନ୍ତି। ଫଳରେ ବ୍ୟକ୍ତି ସାଇବର ଠକର ମାୟାଜାଲରେ ଆରାମରେ ପଡ଼ିଯାଏ। ଆସୁଥିବା ଟ୍ରାଫିକ୍‌କୁ ପ୍ରତିହତ କରିବା ପାଇଁ ଆମେ ଫାୟର୍‌ବଲର ବ୍ୟବହାର କରିବା ଆବଶ୍ୟକ। ଉପଯୁକ୍ତ ଆଣ୍ଟିଭାୟରସ୍ ସହ ସଫ୍ଟୱେରର ବ୍ୟବହାର କରି ଦୁର୍ଭାଗ୍ୟପୂର୍ଣ୍ଣ ସାଇବର ଆକ୍ରମଣଠୁ ବର୍ଞ୍ଚି ହେବ। ତା'ସହ ସ୍ୱଚାଳିତ ଅପଡେଟ୍ ସହ ନିଜର ଡିଭାଇସ୍‌ର ଅପଡେଟ୍ କରିବା ମଧ୍ୟ ଅନିବାର୍ଯ୍ୟ ଅଟେ। ମହତ୍ତ୍ୱପୂର୍ଣ୍ଣ ଫୋଲଡର୍ ଓ ପୂରା ସିଷ୍ଟମ୍‌ର ବ୍ୟାକ୍ ଅପ୍ ମଧ୍ୟ ରଖିବା ଉଚିତ। ସ୍ୱଚାଳିତ ଅପଲୋଡ୍‌କୁ ଅକ୍ଷମ କରିବା ପାଇଁ ୱେବ୍ ଫିଲ୍ଟରିଂର ବି ବ୍ୟବହାର କରିହେବ। କାର୍ଯ୍ୟାଳୟଠୁ ବାହାରେ ଥିବା ସମୟରେ ନିଜ ଡାଟାର ସୁରକ୍ଷା ପ୍ରତି ବି ମଣିଷକୁ ସତର୍କ ହେବା ଆବଶ୍ୟକ। ସନ୍ଦେହ ହେଲେ ନିଜର ଆଇଟି ବିଭାଗ ସହ ସଂପର୍କ କରିବା ଉଚିତ। ଆମକୁ ବିଚଳିତ ନ ହୋଇ ସତର୍କତାର ସହ ସାଇବର କାର୍ଯ୍ୟକଳାପକୁ ସାମ୍ନା କରିବାର ଆବଶ୍ୟକତା ରହିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ଆମ ଦେଶ ତଥା ରାଜ୍ୟକୁ ନେଇ ସାଇବର କ୍ରାଇମ୍‌ରେ ପ୍ରଭେଦ ରହିଛି, ଯଦିଓ ସାଇବର କ୍ରାଇମ୍ ବିଶ୍ୱସ୍ତରରେ ହେଉଛି। ବିଶେଷ କରି ଆମେରିକାରେ ୯୦ ପ୍ରତିଶତରୁ ଅଧିକ ସାଇବର ଠକେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥାଏ। ତା'ସହ ବ୍ୟବସାୟ ଓ ଅନ୍ୟାନ୍ୟ କ୍ଷେତ୍ର ମଧ୍ୟ ଏଥିରେ ସଂପୃକ୍ତ। ଆମେରିକାରେ ସାଇବର କ୍ରାଇମ୍‌କୁ ରୋକିବା ପାଇଁ ଆଇନ ଆଗରୁ ଅଛି, ଯାହା ଭାରତରେ ବହୁତ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ସେଠି ବି ଠକେଇ ହେଉଛି ଆଉ ଭାରତ ତଥା ଓଡ଼ିଶାରେ ବି। କିନ୍ତୁ ଆମେରିକାର ଲୋକେ ଆମ ଅପେକ୍ଷା କିଛି ମାତ୍ରାରେ ଅଧିକ ସଚେତନ ଅଛନ୍ତି। ଆମେ ଆମର ସାମାଜିକ ସମ୍ମାନକୁ ଦେଖି ତାକୁ ହାନି ନ ହେବାକୁ ଦେଇ ରିପୋର୍ଟ କରୁ ନାହୁଁ। ଯାହା ଦୁଃଖର ବିଷୟ। ସାଇବର୍ କ୍ରାଇମଠୁ ଦୂରେଇ ରହିବା ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ସହ ସଚେତନତାର ଆବଶ୍ୟକତା ମଧ୍ୟ ବିଶେଷ ଗୁରୁତ୍ୱ ବହନ କରିଥାଏ। ପ୍ରଥମେ ସଚେତନତା ଦରକାର। ଲୋକେ ଅଧିକରୁ ଅଧିକ ସତର୍କ ରହିବା ଉଚିତ। ତା'ସହ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଯଦି ଜଣେ ସଚେତନ ରହିବ, ତା'ହେଲେ ତାକୁ ବୈଷୟିକ ଜ୍ଞାନକୌଶଳର ଦରକାର ନାହିଁ। ଆଉ ଯଦି ଜଣେ ସଚେତନ ନ ହେଲା, ଡାଟା ସେଫ୍ ଗାର୍ଡ ଭଳି ବିଭିନ୍ନ ପ୍ରଯୁକ୍ତିବିଦ୍ୟା କମ୍ପାନି ମାଧ୍ୟମରେ ତାହାକୁ କମ୍ କିମ୍ବା ଜିରୋ କରିବା ଦିଗରେ କାର୍ଯ୍ୟ କରାଯାଏ। ଉଭୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ପରସ୍ପର ପରିପୂରକ ଅଟନ୍ତି। ■

ସହ ପ୍ରତିଷ୍ଠାତା
ଡାଟା ସେଫ୍ ଗାର୍ଡ, ଆମେରିକା



## ବ୍ୟକ୍ତିଗତ ଅପରାଧ

ଯେ କୌଣସି ବ୍ୟକ୍ତିଙ୍କୁ ସାଇବର ଅପରାଧୀ ଟାର୍ଗେଟ୍ କରିପାରନ୍ତି । ସାଇବର୍ ଷ୍ଟାକିଂ, ଚାଇଲ୍ଡ ପୋର୍ନୋଗ୍ରାଫି ଭଳି ଅଶ୍ଳୀଳତାର ପ୍ରସାର, ହ୍ୟାକିଂ ମାଧ୍ୟମରେ ମାନହାନି ଏବଂ ବ୍ୟକ୍ତିଙ୍କୁ ଧମକଚମକ ଦେଇ ହଇରାଣ କରିବା ପାଇଁ ସାଇବର୍ ଟେକ୍ନୋଲୋଜି ପ୍ରୟୋଗ କରିବା ହେଉଛି ବ୍ୟକ୍ତିଗତ ସାଇବର ଅପରାଧର ପର୍ଯ୍ୟାୟଭୁକ୍ତ । ଏଭଳି ଅପରାଧରେ ଜଣେ ବ୍ୟକ୍ତିଗତ ଭାବେ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ ।


# ଭାରତରେ ସାଇବର ଅପରାଧ

**ଭାରତରେ ସାଇବର ଅପରାଧ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଅନ୍‌ଲାଇନ୍ ଠକେଇ ଅଧିକ ହେଉଛି । ସାଧାରଣ ଜନତାଙ୍କୁ ଏଥିରେ ଟାର୍ଗେଟ୍ କରାଯାଉଛି । ଏପରିକି ଶିକ୍ଷିତ ବ୍ୟକ୍ତି ମଧ୍ୟ ଅନେକ ସମୟରେ ସାଇବର ଅପରାଧୀଙ୍କ ଜାଲରେ ଫସି ଯାଉଛନ୍ତି । ଭାରତରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ । ତେଣୁ ଏଠାରେ ସହଜରେ ସାଇବର ଅପରାଧୀମାନେ ଜାଲ ବିଛାଇଥାନ୍ତି । କେତେବେଳେ ସେମାନଙ୍କ ଟାର୍ଗେଟ୍‌ରେ ସରକାରୀ ସଂସ୍ଥା ତ କେତେବେଳେ ସାଧାରଣ ଜନତା । ପୁଣି କେବେ ବଡ଼ ବଡ଼ ବ୍ୟବସାୟୀ ପ୍ରତିଷ୍ଠାନକୁ ଫସାଇବାକୁ ଚେଷ୍ଟା କରି ସଫଳ ହେଉଛନ୍ତି ସେମାନେ । ଏବେ ଭାରତରେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ଭାରତରେ ସାଇବର ଅପରାଧର ଇତିହାସ ଓ ବର୍ତ୍ତମାନକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

ସାଧାରଣତଃ କମ୍ପ୍ୟୁଟର୍, ନେଟ୍‌ୱାର୍କ ଡିଭାଇସ୍ ସହଯୋଗରେ କରାଯାଉଥିବା ଅପରାଧିକ କାର୍ଯ୍ୟକଳାପକୁ ସାଇବର ଅପରାଧ କୁହାଯାଏ । ଏଭଳି ଅପରାଧର ମୂଳଦୁଆ ହେଉଛି ଅନ୍‌ଲାଇନ୍ କାରବାର । ଅଫିସିଆଲ୍ ତଥ୍ୟ ହେଉ କି ବ୍ୟକ୍ତିଗତ କିମ୍ବା ଅର୍ଥ ମାମଲା ହେଉ, ଏ ସବୁକୁ ଚୋରାଇ ନେବା ପାଇଁ ଏବେ କେବଳ ଗୋଟିଏ ଅନ୍‌ଲାଇନ୍ ଲିଙ୍କ୍ ଯଥେଷ୍ଟ । କମ୍ପ୍ୟୁଟର୍ ଓ ମୋବାଇଲ୍ ଦ୍ୱାରା ଅପରାଧକୁ ନିୟନ୍ତ୍ରଣ କରିବାରେ ସଫଳ ହେଉଛନ୍ତି ସାଇବର ଅପରାଧୀମାନେ । ସେମାନଙ୍କର ଚୋରି କରିବାର ମାଧ୍ୟମକୁ ଫିସିଂ ମେଲ୍, ଓଟିପି ଫ୍ରଡ୍, ମୋବାଇଲ୍ ଫ୍ରଡ୍ ଆଦି ବିଭିନ୍ନ ନାମରେ ନାମିତ କରାଯାଇଛି । ସାଧାରଣ ଲୋକଙ୍କଠାରୁ ବହୁ ଦୂରରେ ଅଦୃଶ୍ୟ ଭାବେ ରହି ଅପରାଧୀ ତା'ର ଲକ୍ଷ୍ୟକୁ ହାସଲ କରିଥାଏ ।

## ସାଇବର ଅପରାଧର ପ୍ରକାର ଭେଦ

ସାଇବର୍ ଅପରାଧ ଦୁଇ ପ୍ରକାର । ଗୋଟିଏ ଅପରାଧ ହେଉଛି କମ୍ପ୍ୟୁଟର୍ ଉପରେ ଆକ୍ରମଣ । ଏଥିରେ ହ୍ୟାକିଂ, ଭାଇରସ୍ ଆଦି ସଂପୃକ୍ତ । ଦ୍ୱିତୀୟରେ ଅପରାଧ କମ୍ପ୍ୟୁଟରକୁ ଅସ୍ତ୍ରଶସ୍ତ୍ର ବା ଉପକରଣ ଦ୍ୱାରା ଉପଯୋଗ କରାଯାଏ । ଏହି ପ୍ରକାର ଅପରାଧ ମଧ୍ୟରେ ସାଇବର୍ ଆତଙ୍କବାଦ, ଆଇପିଆର୍ ଉଲ୍ଲଂଘନ, କ୍ରେଡିଟ୍ କାର୍ଡ ଠକାମି, ପୋର୍ନୋଗ୍ରାଫି ଆଦି ଅନ୍ତର୍ଭୁକ୍ତ । ସେହିପରି ସାଇବର ଅପରାଧକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ବ୍ୟକ୍ତିଗତ ଅପରାଧ, ସଂପତ୍ତିଭିତ୍ତିକ ଅପରାଧ ଏବଂ ସରକାର ବିରୋଧୀ ଅପରାଧ ।



## ସଂପତ୍ତି ଭିତ୍ତିକ ଅପରାଧ

କୌଣସି ତଥ୍ୟ ବା ସଂପତ୍ତିକୁ ଚୋରି କରିବା, କମ୍ପ୍ୟୁଟର୍‌କୁ ହ୍ୟାକ୍ କରିବା ହେଉଛି ଏହି ଅପରାଧର ମୁଖ୍ୟ ଲକ୍ଷ୍ୟ । ସଫ୍ଟୱେର ଚୋରି, ସାଇବର ଷ୍ଟେଟିଂ, ସାଇବର ବର୍ବରତା, କମ୍ପ୍ୟୁଟର ସିଷ୍ଟମ୍‌କୁ ହ୍ୟାକ୍ କରିବା, ଭାଇରସ୍ ପ୍ରସାରିତ କରିବାକୁ ଏହି ବର୍ଗରେ ସାମିଲ କରାଯାଇଛି ।

## ସରକାରଙ୍କ ବିରୁଦ୍ଧରେ ଅପରାଧ

ସରକାରଙ୍କୁ କ୍ଷତିଗ୍ରସ୍ତ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅପରାଧରେ ସାଇବର ଆତଙ୍କବାଦ, ସାଇବର ଯୁଦ୍ଧ, ନକଲି ସଫ୍ଟୱେର୍‌ର ବିତରଣ ଏବଂ ଅନଧିକୃତ ସୂଚନା ଜାରି କରିବା ଆଦି ଏହି ପର୍ଯ୍ୟାୟରେ ସଂପୃକ୍ତ ।

## ଭାରତରେ ସାଇବର ଅପରାଧ ଆରମ୍ଭ

ନବେ ଦଶକରେ ଭାରତରେ ଇଣ୍ଟରନେଟ୍ ଓ ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର ଆରମ୍ଭ ହୁଏ । ପରବର୍ତ୍ତୀ ସମୟରେ ଯେତେବେଳେ ଇଣ୍ଟରନେଟ୍ ଓ ଡିଜିଟାଲକରଣ ବିସ୍ତାର ହେବାରେ ଲାଗିଲା, ସେତେବେଳେ ସାଇବର ଅପରାଧ ଧୀରେ ଧୀରେ ମୁଣ୍ଡ ଟେକିଲା । ସଦ୍ୟ ଏକ ତଥ୍ୟରୁ ଜଣାପଡ଼ିଛି ଯେ,ପ୍ରତିମାସ ପୁଲିସ ପାଖକୁ ଆସୁଥିବା ୩୦ରୁ ୪୦ ପ୍ରତିଶତ ଅଭିଯୋଗର ସମାଧାନ ପାଇଁ ସାଇବର୍ ସେଲ୍‌ର ସହଯୋଗ ନେବାକୁ ପଡ଼ିଥାଏ । କାରଣ ଅଧିକାଂଶ ମାମଲା ହେଉଛି ସାଇବର୍ ଅପରାଧ ସଂପର୍କିତ । ବିଶେଷକରି ଏଟିଏମ୍‌ରୁ ଟଙ୍କା ଗାୟବ ଘଟଣା ଅଧିକ । ମୋବାଇଲ୍‌କୁ ମେସେଜ୍ ଆସିବା ପରେ ସେମାନେ ଜାଣିଥାନ୍ତି ଯେ, କେହି ଅଜଣା ବ୍ୟକ୍ତି ତାଙ୍କ ଟଙ୍କା ଉଠାଇ ନେଇଛି । କେତେ ଜଣ ଠକ ଏଟିଏମ୍ କାର୍ଡର ୧୬ ଡିଜିଟ୍ ନମ୍ବର ମାଗି ଟଙ୍କା ଉଠାଇ ନେଇଥାନ୍ତି । ଏହା ମଧ୍ୟ ମୋବାଇଲ୍‌କୁ ମେସେଜ୍ ଆସିବା ପରେ ହିଁ ଜଣାପଡ଼ିଥାଏ ।

## ସର୍ବାଧିକ ସାଇବର୍ ଅପରାଧପ୍ରବଣ ରାଜ୍ୟ

ଭାରତରେ ସବୁଠାରୁ ଅଧିକ ସାଇବର ଅପରାଧପ୍ରବଣ ରାଜ୍ୟ ହେଉଛି ମହାରାଷ୍ଟ୍ର। ମୁମ୍ବାଇ, ପୁଣେ ଭଳି ବ୍ୟସ୍ତ ବହୁଳ ସହର ସହିତ ମହାରାଷ୍ଟ୍ରରେ ବହୁ ସଂଖ୍ୟକ ଲୋକେ ଇଣ୍ଟରନେଟ୍ ଓ ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର କରିଥାନ୍ତି। ତେଣୁ ସାଇବର ଅପରାଧୀମାନେ ମହାରାଷ୍ଟ୍ରକୁ ଅଧିକ ଟାର୍ଗେଟ୍ କରିଥାନ୍ତି। ଏହି ରାଜ୍ୟରେ ଫିସିଂ, ଅନ୍‌ଲାଇନ୍ ଠକେଇ, ସାଇବର ସ୍ପେସ୍ ଆଦି ବିଭିନ୍ନ ଅପରାଧ ଦେଖିବାକୁ ମିଳିଥାଏ। ତେଣୁ ମହାରାଷ୍ଟ୍ରକୁ ସବୁଠାରୁ ଅଧିକ ଅନ୍‌ଲାଇନ୍ ଠକେଇ ରାଜ୍ୟର ମାନ୍ୟତା ମିଳିଛି। ତେବେ ୨୦୨୩ ମସିହାରେ ଦେଶରେ ସବୁଠାରୁ ଅଧିକ ସାଇବର ଠକେଇ ମାମଲା ଉତ୍ତର ପ୍ରଦେଶରେ ରୁଜୁ କରାଯାଇଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ମହାରାଷ୍ଟ୍ର। ଉତ୍ତର ପ୍ରଦେଶରେ ୨ ଲକ୍ଷ ମାମଲା, ମହାରାଷ୍ଟ୍ରରେ ୧ ଲକ୍ଷ ୩୦ ହଜାର ମାମଲା, ଗୁଜରାଟରେ ୧ ଲକ୍ଷ ୨୦ ହଜାର, ରାଜସ୍ଥାନ ଓ ହରିୟାଣାରେ ପ୍ରାୟ ୮୦ ହଜାର ଲେଖାଏଁ ମାମଲା ରୁଜୁ କରାଯାଇଥିଲା।



## ୧୧.୨୮ ଲକ୍ଷ ସାଇବର ଅପରାଧ ମାମଲା

୨୦୨୩ ମସିହାରେ ୧୧.୨୮ ଲକ୍ଷ ଆର୍ଥିକ ସାଇବର ଠକେଇ ମାମଲା ରୁଜୁ କରାଯାଇଥିବା ଲୋକସଭାରେ ସୂଚନା ଦିଆଯାଇଥିଲା। ଏହି ମାମଲାରେ ୭,୪୮୮.୬ କୋଟି ଟଙ୍କାର ଠକେଇ ହୋଇଥିଲା। ମହାରାଷ୍ଟ୍ରରେ ସବୁଠାରୁ ଅଧିକ ୯୯୦.୭ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ସେହିପରି ତେଲଙ୍ଗାନାରେ ୭୫୯.୧ କୋଟି ଟଙ୍କା, ଉତ୍ତର ପ୍ରଦେଶରେ ୭୨୧.୧ କୋଟି ଟଙ୍କା, କର୍ଣ୍ଣାଟକରେ ୬୬୨.୧ କୋଟି ଟଙ୍କା, ତାମିଲନାଡୁରେ ୬୬୧.୨ କୋଟି ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ଇଣ୍ଡିଆନ୍ କମ୍ପ୍ୟୁଟର୍ ଇମରଜେନ୍‌ସୀ ରେସ୍‌ପନ୍ ଟିମ୍‌ର ତଥ୍ୟ ଅନୁଯାୟୀ ୨୦୦୨ ମସିହାରେ ୧,୩୯୧,୪୫୭ ସାଇବର ସୁରକ୍ଷା ସମ୍ବନ୍ଧିତ ମାମଲା ରୁଜୁ କରାଯାଇଥିଲା।

## ସାଇବର ଅପରାଧୀଙ୍କ ଟାର୍ଗେଟ୍‌ରେ ଭାରତ

ଗତକିଛି ବର୍ଷ ହେଲା ଆମ ଦେଶରେ ସାଇବର୍ ଅପରାଧ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାରତକୁ ଟାର୍ଗେଟ୍ କରୁଛନ୍ତି ସାଇବର ଅପରାଧୀ। ତେବେ କ'ଣ ପାଇଁ ସାଇବର ଅପରାଧୀଙ୍କ ଚରାଭୂଇଁ ପାଲଟିଛି ଭାରତ? କିଭଳି ଭାରତୀୟମାନଙ୍କୁ ଭୁଆଁ ବୁଲାଇ ସାଇବର ଅପରାଧୀମାନେ ଆଖିପିଛୁଳାକେ ଲୁଟି ନେଉଛନ୍ତି କୋଟି କୋଟି ଟଙ୍କା? ଗରିବ, ମଧ୍ୟବିତ୍ତ ପରିବାର ଲୋକଙ୍କୁ ସେମାନେ ସର୍ବସ୍ୱାନ୍ତ କରି ଦେଉଛନ୍ତି। ଏପରିକି ଶିକ୍ଷିତ ଲୋକମାନେ ମଧ୍ୟ ଅଦୃଶ୍ୟ ଠକଙ୍କ କବଳରୁ ବର୍ତ୍ତିପାରୁ ନାହାନ୍ତି। ସାଇବର ଅପରାଧୀମାନେ କାହିଁକି ସହଜରେ ଭାରତରେ ଅପରାଧ ଘଟାଇବାରେ ସଫଳ ହେଉଛନ୍ତି। ତାହାର ଅନେକ କାରଣ ରହିଛି।

### ଦ୍ରୁତ ଡିଜିଟାଲକରଣ

ଗତ କିଛି ବର୍ଷ ହେଲା ଭାରତରେ ଡିଜିଟାଲ୍ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଡିଜିଟାଲ ପରିବର୍ତ୍ତନ ଯୋଗୁଁ ବ୍ୟକ୍ତିଗତ ଓ ବ୍ୟବସାୟ କ୍ଷେତ୍ରରେ ଇଣ୍ଟରନେଟ୍ ବ୍ୟବହାର ବୃଦ୍ଧି ପାଇଛି। ଅନେକ ଲୋକ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ତେଣୁ ଏହାର ସୁଯୋଗ ନେଉଛନ୍ତି ସାଇବର ଠକ। ଆଉ ସହଜରେ ସାଇବର ଅପରାଧ କରିବାରେ ସଫଳ ହେଉଛନ୍ତି।

### ବ୍ୟାପକ ଇଣ୍ଟରନେଟ୍ ବ୍ୟବହାର

ବିଶ୍ୱର ସବୁଠାରୁ ଅଧିକ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଦେଶ ମଧ୍ୟରୁ ଭାରତ ଅନ୍ୟତମ। ଭାରତରେ ଅଧିକ ସଂଖ୍ୟକ ଲୋକ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ସାଇବର ଅପରାଧୀମାନଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ଭାରତ। କାରଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ହିଁ ଅନେକ ସାଇବର ଅପରାଧ ସଂଘଟିତ ହୋଇଥାଏ। ଇଣ୍ଟର୍‌ନେଟ୍‌ର ବହୁଳ ବ୍ୟବହାର ଯୋଗୁଁ ଅପରାଧ ଘଟାଇବା ପାଇଁ ସାଇବର ଅଧରାଧୀମାନଙ୍କୁ ସହଜ ହେଉଛି।

### ସଚେତନତାର ଅଭାବ

ଭାରତରେ ବହୁତ ଲୋକ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ଉପକରଣ ବ୍ୟବହାର କରୁଛନ୍ତି। ତେବେ ଏହାର ବିପଦପୂର୍ଣ୍ଣ ଦିଗ ପ୍ରତି ଲୋକେ ସଚେତନ ନୁହଁନ୍ତି। ସାଇବର ବିପଦ ତଥା ସାଇବର ସୁରକ୍ଷା ପଦ୍ଧତି ସଂପର୍କରେ ସଚେତନତା ଅଭାବ ଯୋଗୁଁ ଅନେକ ବ୍ୟକ୍ତି ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ସାଇବର ଆକ୍ରମଣ ସହଜ ହୋଇଥାଏ।

### ସୁରକ୍ଷା ପାଇଁ ଭିତ୍ତିଭୂମିର ଅଭାବ

ଭାରତରେ ସାଇବର ସୁରକ୍ଷା ପାଇଁ ଆଧାର ଢାଞ୍ଚା ଏବେ ବି ସୁଦୃଢ଼ ନୁହେଁ। କେତେକ ସଂଗଠନ ବିଶେଷ କରି ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ପାଖରେ ସାଇବର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। ତେଣୁ ଏଭଳି ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସାଇବର ଅପରାଧୀଙ୍କ ଟାର୍ଗେଟରେ ଥାଆନ୍ତି। ଯେଉଁ ସବୁ ପ୍ରତିଷ୍ଠାନଗୁଡ଼ିକରେ ସାଇବର ସୁରକ୍ଷା ପାଇଁ ଭିତ୍ତିଭୂମି ସୁଦୃଢ଼ ନୁହେଁ, ସେଠାରେ ସାଇବର ଅପରାଧ ଘଟାଇବା ସହଜ ଓ ସୁବିଧା ହୋଇଥାଏ।

### ଦୁର୍ବଳ ଆଇନ

ଭାରତରେ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ କେତେକ ଆଇନ ଓ ନିୟମ ରହିଛି। ଧୀରେ ଧୀରେ ଏହି ଆଇନ ଢାଞ୍ଚାକୁ ବିକଶିତ କରାଯାଉଛି। ତେବେ ସାଇବର ଅଧରାଧୀଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାରେ ବିଳମ୍ବ ହେଉଛି। ଫଳରେ ସାଇବର ଅପରାଧୀମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି।

### ସାର୍ବଜନୀନ ସଚେତନତା

ଜନସାଧାରଣ, ବ୍ୟବସାୟୀ ଓ ସଂଗଠନକୁ ସାଇବର ସୁରକ୍ଷା ଓ ସାଇବର ବିପଦରୁ ରକ୍ଷା କରିବା ପାଇଁ ବିଭିନ୍ନ ପଦ୍ଧତି ଏବଂ ଟେକ୍ନୋଲୋଜି ସଂପର୍କରେ ପ୍ରଶିକ୍ଷଣ ଦିଆଯିବା ଉଚିତ। ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ସଚେତନତା ଅଭିଯାନ, କର୍ମଶାଳା, ପ୍ରଶିକ୍ଷଣ ଶିବିର ଆୟୋଜିତ କରାଗଲେ ଲୋକେ ସାଇବର ଅପରାଧରୁ ସୁରକ୍ଷିତ ରହିପାରନ୍ତେ।

### ସାଇବର୍ ସୁରକ୍ଷା ନିୟମକୁ କଡ଼ାକଡ଼ି କରିବା

ବଢ଼ି ଚାଲିଥିବା ସାଇବର ଅପରାଧକୁ ରୋକିବାକୁ ହେଲେ ସାଇବର ସୁରକ୍ଷା ନିୟମକୁ କଠୋର କରିବାକୁ ପଡ଼ିବ। ଇଣ୍ଟରନେଟ୍ ଅପରାଧକୁ ଗମ୍ଭୀର ଅପରାଧ ଭାବେ ବିବେଚନା କରାଯାଇ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବାକୁ ବ୍ୟବସ୍ଥା କରିବା ଉଚିତ।

### ସାଇବର ସୁରକ୍ଷା ଭିତ୍ତିଭୂମି ସୁଦୃଢ଼

ସମ୍ବେଦନଶୀଳ ଡାଟା ଓ ପ୍ରଣାଳୀକୁ ସାଇବର ଆକ୍ରମଣରୁ ରକ୍ଷା କରିବା ପାଇଁ ଆର୍ଥିକ କାରବାର, ସ୍ୱାସ୍ଥ୍ୟ ସେବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସରକାର ଶକ୍ତିଶାଳୀ କରିବା ଆବଶ୍ୟକ। ଏଥିପାଇଁ ସାଇବର ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ।

### ଅନ୍ତଃରାଷ୍ଟ୍ରୀୟ ସହଯୋଗ

ସୀମାରେ ସାଇବର ଅପରାଧର ମୂଳୋତ୍ପାଟନ ପାଇଁ ଅନ୍ତଃରାଷ୍ଟ୍ରୀୟ ଏଜେନ୍ସିର ସହଯୋଗ ଦରକାର। ସାଇବର ଅପରାଧୀ ପ୍ରାୟ ବିଭିନ୍ନ ଦେଶରେ ଗତିବିଧି ଉପରେ ନଜର ରଖିଥାନ୍ତି। ତେଣୁ ସେମାନଙ୍କୁ ଟ୍ରାକ୍ କରିବା ଓ ଧରିବା ପାଇଁ ଅନ୍ତଃରାଷ୍ଟ୍ରୀୟ ସହଯୋଗ ନିହାତି ଆବଶ୍ୟକ।

### ସାଇବର ସ୍ୱଚ୍ଛତା

ଉନ୍ନତ ସାଇବର ସ୍ୱଚ୍ଛତା ଟେକ୍ନୋଲୋଜିକୁ ବୃଦ୍ଧି କରିବା, ନିୟମିତ ଭାବେ ସଫ୍ଟୱେର୍‌ଗୁଡ଼ିକୁ ଅପ୍‌ଡେଟ୍ କରିବା, ଶକ୍ତିଶାଳୀ ପାସ୍‌ୱାର୍ଡ ବ୍ୟବହାର କରିବା, ୱାଇଫାଇ ନେଟ୍‌ୱର୍କ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

### ସାଇବର ସୁରକ୍ଷା ପାଇଁ ପଦକ୍ଷେପ

ଭାରତରେ ସାଇବର ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ସାଇବର କ୍ରାଇମ୍‌କୁ ରୋକିବା ପାଇଁ ୨୦୨୦ ଜାନୁଆରୀରେ ଗୃହ ମନ୍ତ୍ରାଳୟ ପକ୍ଷରୁ 'ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର-୧୪ସି' ଉଦ୍‌ଘାଟନ କରାଯାଇଥିଲା। ଏହି ଯୋଜନାକୁ ପୂରା ଦେଶରେ ଲାଗୁ କରାଯାଇଛି। ସାଇବର ଅପରାଧକୁ ଠିକ୍ ଭାବେ ନିୟନ୍ତ୍ରଣ ଓ ପ୍ରତିହତ କରିବା ପାଇଁ ସାତୋଟି ପ୍ରମୁଖ ଶାଖା କାର୍ଯ୍ୟ କରୁଛି। ସେଗୁଡ଼ିକ ହେଲା-

- ନ୍ୟାସନାଲ୍ ସାଇବର୍ କ୍ରାଇମ୍ ଥ୍ରେଟ୍ ଏନାଲେଟିକ୍ସ ୟୁନିଟ୍
- ନ୍ୟାସନାଲ୍ ସାଇବର୍ କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍
- ପ୍ଲାଟଫର୍ମ ଫର୍ ଜଏଣ୍ଟ ସାଇବର୍ କ୍ରାଇମ୍ ଇନ୍‌ଭେଷ୍ଟିଗେସନ୍ ଟିମ୍
- ନ୍ୟାସନାଲ୍ ସାଇବର୍ କ୍ରାଇମ୍ ଫୋରେନ୍‌ସିକ୍ ଲାବୋରୋଟାରୀ ଇକୋସିଷ୍ଟମ୍
- ନ୍ୟାସନାଲ୍ ସାଇବର କ୍ରାଇମ୍ ଟ୍ରେନିଂ ସେଣ୍ଟର
- ସାଇବର୍ କ୍ରାଇମ୍ ଇକୋସିଷ୍ଟମ୍ ମ୍ୟାନେଜମେଣ୍ଟ ୟୁନିଟ୍
- ନ୍ୟାସନାଲ୍ ସାଇବର୍ ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ ସେଣ୍ଟର୍




# ଡିଜିଟାଲ୍ ରାକ୍ଷସ

## 'ସଫ୍ଟୱେର୍ ଖେଳ'



ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ମଣିଷର ଜୀବନଶୈଳୀ ବଦଳିଯାଇଛି । ଦ୍ରୁତ ଗତିରେ ବଢ଼ି ଚାଲିଛି କମ୍ପ୍ୟୁଟର ଓ ଅନ୍ୟ ଇଲୋକ୍ଟ୍ରୋନିକ୍ ଉପକରଣର ଚାହିଦା । ମାନବ 'କି ପେଡ୍' ମୋବାଇଲରୁ ପାଦ ଥାପିଛି କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ । ଅହରହ ବୈଷୟିକ ଜ୍ଞାନକୌଶଳ ତା'କୁ କ୍ଷଣକରେ ପ୍ରତିଟି କ୍ଷେତ୍ରରେ ଶୀର୍ଷରେ ପହଞ୍ଚାଇ ପାରୁଛି, କିନ୍ତୁ ହଠାତ ମାନବ ପାଇଁ ଏହି ପ୍ରଯୁକ୍ତିବିଦ୍ୟା ହିଁ ସାଜୁଛି କାଳ । କେଇଟା ମୁହୂର୍ତ୍ତ ଭିତରେ ସାଇବର ଠକର ମାୟାଜାଲରେ ଛନ୍ଦି ହେଉଛି ମଣିଷ । ଅସାଧାରଣ ଓ ଅନଭିଜ୍ଞ ହୋଇ ରହିଯାଇଛି ସାଇବର ଠକର ମାୟାଜାଲର ରହସ୍ୟ । କଳାବାଦଲ ଘୋଟି ଆସିଲା ପରି ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ସାଇବର ଠକ ମଣିଷକୁ କାଙ୍ଗାଳ କରି ଦେଉଛି । ଭିନ୍ନ ଭିନ୍ନ ସଫ୍ଟୱେର ଓ ଆପ୍‌ର ବ୍ୟବହାର କରି ସେ, ମଣିଷ ପାଇଁ ସାଇବର ଅପରାଧୀ ସାଜିଛି ସାଇବର ରାକ୍ଷସ । ବିଭିନ୍ନ ସଫ୍ଟୱେର, ଆପ୍‌କୁ କିଭଳି ସାଇବର ଅପରାଧ ଦୁନିଆରେ ବ୍ୟବହାର କରାଯାଉଛି, ତାକୁ ନେଇ ଏଇ ଉପସ୍ଥାପନା ।

ସାଇବର ଅପରାଧ ଘଟାଇବା ପାଇଁ ବ୍ୟବହାର କରାଯାଉଥିବା ସଫ୍ଟୱେର ଆଜି ଫରେନସିକ୍ ବିଜ୍ଞାନ କ୍ଷେତ୍ରରେ ସବୁଠୁ ଦ୍ରୁତଗତିରେ ଅଗ୍ରସର ହେଉଥିବା ଚିନ୍ତାର ବିଷୟ ଅଟେ । ଦିନକୁ ଦିନ ବଢ଼ି ଚାଲିଛି କମ୍ପ୍ୟୁଟର୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ ଉପକରଣର ବ୍ୟବହାର । ବର୍ତ୍ତମାନ ସାଇବର କ୍ରାଇମ୍ ଆଉ ଅସାଧାରଣ ଶବ୍ଦ ହୋଇ ରହିନାହିଁ । ଅନେକ ମଣିଷ ଏହି ସାଇବର ଅପରାଧୀ ନାମକ ରାକ୍ଷସର ମାୟାଜାଲରେ ଛନ୍ଦି ହୋଇଯାଉଛନ୍ତି, ନିଜର ବ୍ୟବହୃତ ସ୍ମାର୍ଟ ଫୋନ୍, ଲେପ୍‌ଟପ୍ ଓ ଅନ୍ୟ ଇଣ୍ଟରନେଟ୍ ଆଧାରିତ ଉପକରଣ ସାହାଯ୍ୟରେ । ଟିଭି ରିମୋଟରୁ ଆରମ୍ଭ କରି ସାଟେଲାଇଟ୍ ସଞ୍ଚାର ପର୍ଯ୍ୟନ୍ତ ସବୁ ଜାଗାରେ ସଫ୍ଟୱେର୍‌ର ବ୍ୟବହାର ଅନିବାର୍ଯ୍ୟ ହୋଇ ପଡ଼ିଛି । ଲୋକେ ସଚେତନ ନୁହଁନ୍ତି । ଅନେକଙ୍କ ପାଖରେ ବୈଷୟିକ ଜ୍ଞାନକୌଶଳର ଘୋର ଅଭାବ ଅଛି । ବାସ୍ତବତା ଏହା ଯେ, ବର୍ତ୍ତମାନ ୱାଇଫାଇ ପାର୍ସୱାର୍ଡ ବି ସୁରକ୍ଷିତ ହୋଇ ରହିନାହିଁ । ବ୍ୟକ୍ତି ବ୍ୟବହାର କରୁଥିବା ଇଣ୍ଟରନେଟ୍ ଉପକରଣରେ ଆଇପି ଆଡ୍ରେସ୍ ଥାଏ । ଯାହାକୁ ଇଣ୍ଟର୍‌ନେଟ୍ ପ୍ରୋଟୋକଲ୍ ଆଡ୍ରେସ ମଧ କହନ୍ତି । ଏହାର ବ୍ୟବହାର କରି ଫିସିଂ ଓ ସ୍କିମିଂ ମାଧ୍ୟମରେ ସାଇବର ଅପରାଧୀ, ନିଜର ସାମ୍ରାଜ୍ୟ ବିସ୍ତାର କରି ଚାଲିଛି; ଯାହା ଉପରେ ଆଜି ବି ଲଗାମ ଲଗାଯାଇ ପାରିନି । ଏହାର ମୁଖ୍ୟ କାରଣ ହେଉଛି, ସାଇବର ଅପରାଧୀ ଆମ ସହ ଖେଳିଥା'ନ୍ତି ସଫ୍ଟୱେର୍‌ର ଖେଳ । ପ୍ରଯୁକ୍ତିବିଦ୍ୟା ଥିଲେ ବି ଲୋକେ ଏହି ସଫ୍ଟୱେର୍ ବିଷୟରେ ଆଜିବି ଅଜ୍ଞ ଅଛନ୍ତି । ସଫ୍ଟୱେର୍‌ର ବ୍ୟବହାର କରି ଭିନ୍ନ ଭିନ୍ନ ଉପାୟ ଆପଣାଇ ସାଇବର ରାକ୍ଷସ ଠକି ନିଏ ମଣିଷଠୁ କୋଟି କୋଟି ଟଙ୍କା । ମଣିଷ ଡାଳେ ଡାଳେ ଯିବାକୁ ଚେଷ୍ଟା କରେ । ମାତ୍ର ସାଇବର ଅପରାଧୀ ଏହାର ବ୍ୟାପକ ବ୍ୟବହାର କରି ପତ୍ରେ ପତ୍ରେ ଯାଏ ।





### ସଫ୍ଟୱେର ପାଇରେସି




ସଫ୍ଟୱେର୍ ପାଇରେସି ଏମିତି ଏକ ବିଧି, ଯାହାର ଉପଯୋଗ କରି ହ୍ୟାକର ଅବୈଧ ରୂପରେ କୌଣସି ସଫ୍ଟୱେର୍‌ର ପ୍ରତିଲିପି ତିଆରି କରିପାରେ । ଏଥିରେ ସେ ସଫ୍ଟୱେର୍‌ର ସୁରକ୍ଷାକୁ ହଟାଇ ଅବୈଧ ଭାବରେ ତାହାର ବିତରଣ କରେ । ଏଭଳି କାର୍ଯ୍ୟକୁ 'ସଫ୍ଟୱେର୍ ଚୋରି' କୁହାଯାଏ । ଅଧୁନା ସଫ୍ଟୱେର୍ ଉଦ୍ୟୋଗ ବହୁଳ ଭାବରେ ଏହାର ଶିକାର ହେବାରେ ଲାଗିଛି । ଇଣ୍ଟର୍‌ନେଟ୍‌ରେ ଅସଲି ଦେଖାଯାଇଥିବା ବହୁ ଆପ୍ ବାସ୍ତବରେ ନକଲି ଅଟେ । ଯାହାକୁ ସାଧାରଣ ମଣିଷଟିଏ ଜାଣି ନ ଥାଏ । ଡାଉନ୍‌ଲୋଡ୍ କରେ, ବ୍ୟବହାର କରି ସାଇବର ରାକ୍ଷସର ଖୋଳିଥିବା ଖାଲରେ ପଡ଼ିଯାଏ; ଯେଉଁଠୁ ସେ ବାହାରି ପାରେ ନାହିଁ ।

### ଡସ୍ ଆକ୍ରମଣ




ଅପରାଧୀ ଏଥିରେ ଗୋଟିଏ ବିଶିଷ୍ଟ ପେଜ୍ ତିଆରି କରି ଟ୍ରେଫିକ୍ ପଠାଇଥାଏ । ସାଇବର ଅପରାଧୀ ବେଣ୍ଡୱିଥ୍‌ର ବ୍ୟବହାର କରି ସ୍ପାମ୍ ମେଲ୍ ମାଧ୍ୟମରେ ଲୋକଙ୍କ ସହ ଖେଳି ଥାଆନ୍ତି । ଅପରାଧୀର ଉଦ୍ଦେଶ୍ୟ ଥାଏ, ତାହାର ୱେବ୍‌ସାଇଟ୍ ବ୍ୟବହାର କରୁଥିବା ଲୋକଙ୍କୁ ଭୟଭୀତ କରି ଟଙ୍କା ଲୁଟିବା ।



## ସ୍ପୁଫିଙ୍ଗର ମାୟାଜାଲ

ସାଇବର ଦୁନିଆରେ ସ୍ପୁଫିଙ୍ଗ୍ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ। ଏଭଳି ଆକ୍ରମଣରେ ସାଇବର ଅପରାଧୀ ନିଜର ସିଷ୍ଟମ୍‌ର ପରିଚୟ ଲୁଚାଇବା ଓ ବଦଳାଇବା ପାଇଁ ସଫ୍ଟୱେର୍‌ର ବ୍ୟବହାର କରିଥାଏ। ଯାହା ଅଜ୍ଞାତ ସ୍ରୋତରୁ ସଞ୍ଚାରିତ ହୋଇଥାଏ। ଏହାର ଉପଯୋଗ ଡେସ୍କଟପ୍, ସ୍ମାର୍ଟଫୋନ୍ ଓ ଅନ୍ୟ ଇଣ୍ଟର୍‌ନେଟ୍ ଆଧାରିତ ଉପକରଣରେ ହୋଇପାରିବ। ସ୍ପୁଫିଙ୍ଗର ବ୍ୟବହାର କରି ହ୍ୟାକର ଲୋକଙ୍କ ଆଇପି ଆଡ୍ରେସ, ଡିଏନ୍‌ଏସ୍, ଏଆର୍‌ପି ଓ ଅନ୍ୟ ବିବରଣୀ ଚୋରି କରି ହଇରାଣ କରେ।



## ସାଇବର୍ ଦୁନିଆରେ ଫିସିଂ ଆଟେକ୍

ସାଇବର୍ ଅପରାଧୀମାନେ ସାଧାରଣ ଲୋକଙ୍କୁ ବିଭିନ୍ନ ସମୟରେ ସମାନ ଡୋମେନ୍ ବ୍ୟବହାର କରି ଲୁଟିଥାନ୍ତି। ଯାହାକି ସାଧାରଣ ଲୋକଟିଏ ସହଜରେ ବୁଝି ପାରେନି। ତା'କୁ ତାହା ବାସ୍ତବ ଭଳି ପ୍ରତୀୟମାନ ହୁଏ। ଫିସିଂରେ ନକଲି ପେଜ୍ ତିଆରି କରାଯାଏ। ବ୍ୟବହାରକାରୀଙ୍କୁ ତାଙ୍କର ନିଜସ୍ୱ ତଥ୍ୟ ଇନ୍‌ପୁଟ୍ ମାଧ୍ୟମରେ ପଠେଇବାକୁ କୁହାଯାଏ। ଉଦାହରଣ ସ୍ୱରୂପ, ଡୋମେନ୍‌ର ବ୍ୟବହାର କରି ଜଣେ ସାଇବର୍ ଅପରାଧୀ ଏସ୍‌ବିଆଇ ବ୍ୟାଙ୍କ୍ ଭଳି ସମାନ ଧରଣର ଲିଙ୍କ୍ ତିଆରି କରି ଜଣକୁ ଓଟିପି ପଠାଇଥାଏ। ତାହାକୁ ଜଣେ ବ୍ୟାଙ୍କରୁ ଆସିଥିବା ଓଟିପି ଭାବି ଲିଙ୍କକୁ କ୍ଲିକ୍ କଲେ ସେ ଠକେଇର ଶିକାର ହୁଏ। କଲ୍ ମାଧ୍ୟମରେ ମଧ୍ୟ ଲଟେରି ଓ ଅନ୍ୟ ଉପାୟ ଆପଣାଇ ଲୋକଙ୍କୁ ସେମାନେ ଠକନ୍ତି। ଯଦି କେହି ଏଭଳି ଠକେଇରେ ଶିକାର ହେଉଛନ୍ତି, ତୁରନ୍ତ ବ୍ୟାଙ୍କ୍ କିମ୍ବା ସାଇବର୍ ଥାନାକୁ ଜଣାଇବାର ଆବଶ୍ୟକତା ରହିଛି।




## ସିନ୍ଥେଟିକ୍ ଫ୍ରଡ୍

ଅସଲି ତଥ୍ୟ ସହ ସାଇବର୍ ଠକ ନକଲି ଆଇଡି ତିଆରି କରିଥାଏ। ଯାହା ବାସ୍ତବ ପରି ଲାଗେ। ଧରାଯାଉ, ଜଣକ ନାମ ଗୋପଳ। ଏହି ନାମରେ ସାଇବର୍ ଠକ ଗୋଟିଏ ଏମିତି ଆଇଡି ତିଆରି କରିବ, ଯାହାର ତଥ୍ୟ ସତ୍ୟ ଥିବ କିନ୍ତୁ ଆଇଡି ନକଲି ହୋଇଥିବ। କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରି ସେମାନେ ଏଭଳି ଉପାୟ ଆପଣାଇ ବ୍ୟାଙ୍କ୍, ଫାଇନାନ୍ସ କମ୍ପାନି, ସରକାର ତଥା ଅନ୍ୟ ସଂସ୍ଥାଠୁ କୋଟି କୋଟି ଟଙ୍କା ଲୁଟି ନିଅନ୍ତି। ଯାହା ଆମେ ଜାଣି ପାରି ନଥାଉ। ସାର୍ବଜନୀନ ସ୍ଥାନରେ ସେଥିପାଇଁ ଆମେ ଆମର ଆଧାର କାର୍ଡ, ପାନ କାର୍ଡକୁ ମଧ୍ୟ ସତର୍କତାର ସହିତ ବ୍ୟବହାର କରିବା ଉଚିତ। ଭାରତରେ ସବୁ ବ୍ୟାଙ୍କକୁ ମିଶାଇ ପ୍ରତିଦିନ ପ୍ରାୟ ୧ ହଜାର କୋଟି ଟଙ୍କାର ଏଭଳି ଫାଇନାନ୍ସିଆଲ୍ କ୍ରାଇମ ଦେଖିବାକୁ ମିଳିଥାଏ।



## ବିଶ୍ଳେଷଣ ଓ ପ୍ରବେଶ ପରୀକ୍ଷଣ କରେ କାଳି ଲିନକ୍ସ

ଓପନ୍ ସୋର୍ସ ସଫ୍ଟୱେର୍ ଭାବରେ ଏହାର ଉପଯୋଗ କରିଥାଏ ହ୍ୟାକର। ଏହା ଗୋଟିଏ ମାଗଣା ଓଏସ୍ ଅଟେ, ଏଥିରେ ଥିବା ଅନେକ ଉପକରଣ ଉପଯୋଗ କରି ହ୍ୟାକର ସୁରକ୍ଷାର ବିଶ୍ଳେଷଣ ଓ ପ୍ରବେଶ ପରୀକ୍ଷଣ କରିଥାଏ। ଏହାର ସମସ୍ତ କୋଡ୍ 'ଗିଟ୍'ରେ ଅପଲୋଡ୍ କରାଯାଇଥିଲା। ଏହା ଅନେକ ଭାଷାକୁ ସମର୍ଥନ କରିପାରେ। ଫଳରେ ସାଇବର ଅପରାଧୀ ଦୁନିଆର କୌଣସି ବି କୋଣରେ ଥାଇ ସାଇବର କ୍ରାଇମ୍ ରଚିପାରେ। ବ୍ୟବହାରକାରୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏହା ଅନୁକୂଳିତ କରିପାରେ।










## ପାର୍ସୱାର୍ଡ କ୍ରେକ ସଫ୍ଟୱେର ଓଫ୍ରେକ୍

ପାର୍ସୱାର୍ଡ କ୍ରେକିଂ ସଫ୍ଟୱେର୍ ଭାବରେ ଏହା ପରିଚିତ। ୱିଣ୍ଡୋଜ ପାସ୍‌ୱାର୍ଡକୁ କ୍ରେକ୍ କରିବା ପାଇଁ ସାଇବର ଠକ ଏହାକୁ ବ୍ୟବହାର କରିଥାଏ। ନିଃଶୁଳ୍କରେ ଏହାକୁ ବ୍ୟବହାର କରି ହୁଏ। ଏହାର ଉପଯୋଗ ଇନ୍ଦ୍ରଧନୁଷ ତାଲିକା ଉପରେ ଆଧାରିତ। ଏହି ସଫ୍ଟୱେର୍‌ର ବ୍ୟବହାର କରି ରେନ୍‌ବୋ ଟେବୁଲକୁ କୁଶଳତାର ସହ କାର୍ଯ୍ୟାନ୍ୱିତ କରାଯାଇଛି। ସରଳ ପାର୍ସୱାର୍ଡ ପାଇଁ ଏଥିରେ ବ୍ରୁଟ-ଫୋର୍ସ ମଡ୍ୟୁଲ ରହିଛି। ୱିଣ୍ଡୋଜ, ଲିନକ୍ସ, ମେକ୍ ଓଏସ୍, ଏନ୍ ଟିଏଲଏମ୍ ତଥା ଏଲ୍‌ଏମ୍ ହେଁଶକୁ କ୍ରେକ୍ କରିବା ପାଇଁ ଏହା ବ୍ୟବହୃତ କରାଯାଏ। ଏହାର ବ୍ୟବହାର କରି ଅଡିଡ୍ ରିପୋର୍ଟକୁ ବୁଝି ସିଏସ୍‌ବିର ରୂପ ଦିଆଯାଇଥାଏ। ଏଥିରେ ସୁରକ୍ଷିତ ଓ ସଂରକ୍ଷିତ ଜିଆଇର ବ୍ୟବହାର ହୋଇଥାଏ। ଭିନ୍ନ ଭିନ୍ନ ପ୍ଲାଟଫର୍ମରେ ଏହାର ବ୍ୟବହାର କରି ସାଇବର ଅପରାଧୀ ତା'ର ମାୟାଜାଲ ବୁଣି ଚାଲେ।





## ହାର୍ଡଡ୍ରାଇଭ୍ ପରୀକ୍ଷକ ଏନ୍‌କେସ୍ ସଫ୍ଟୱେର୍

ଏହା ଗୋଟିଏ ଅଲଗା ପ୍ରକାର ସଫ୍ଟୱେର ଅଟେ। ହ୍ୱାଇଟ୍ ହେଟ୍ କାର୍ଯ୍ୟରେ ଏହାର ବ୍ୟବହାର କରାଯାଉଥିଲା। ଏହାର ବ୍ୟବହାର କରି ଜଣେ ଫରେନସିକ୍ ବିଶେଷଜ୍ଞ ହାର୍ଡ ଡ୍ରାଇଭ୍ ପର୍ଯ୍ୟନ୍ତ ଯାଇପାରେ। ସାଇବର ଦୁନିଆ ଏହାର ବ୍ୟବହାର କରି ଭୟାନକ ଖେଳ ଖେଳିଥାଏ ଲୋକଙ୍କ ସହ। ଏନ୍‌କେସ୍‌ର ବ୍ୟବହାର ଡାଟା ରିକଭରି ପାଇଁ ମଧ୍ୟ କରାଯାଇଥାଏ। ଅଦାଲତର ସାକ୍ଷ୍ୟରେ ଏହି ସଫ୍ଟୱେର୍ ବିଶେଷ ମହତ୍ତ୍ୱ ରଖେ। ଏହାକୁ ଡାଉନ୍‌ଲୋଡ୍ କରିବା ଓ ବ୍ୟବହାର କରିବା ମାଗଣା ଥାଏ। ଫଳରେ ସାଇବର ଠକ ଏହାରି ମାଧ୍ୟମରେ ନିଜର ଅପରାଧ ସାମ୍ରାଜ୍ୟର ବୀଜ ବୁଣିଥାଏ। ଏହା ଏଇଏସ୍ ୨୫୬-ବିଟ୍ ଏନ୍କ୍ରିପ୍ସନର ଉପଯୋଗ କରି ଏଲଏକ୍ସ-୧ ଓ ଏକ୍ସ-୧ ଫାଇଲକୁ ସୁରକ୍ଷା ପ୍ରଦାନ କରିଥାଏ।



## ବାସ୍ତବ ଡାଟାର ଦର୍ପଣ 'ସେଫ୍‌ବ୍ୟାକ୍'

ସେଫ୍‌ବ୍ୟାକ୍ ଏକ ଉନ୍ନତଧରଣର ଫରେନସିକ୍ ଉପକରଣ ଅଟେ, ଯାହା ଉପଯୋଗ କରି ହାର୍ଡ ଡ୍ରାଇଭ୍‌କୁ ପୁନଃ ପ୍ରାପ୍ତ କରିଥାଏ ସାଇବର କ୍ରିମିନାଲ ବା ଅପରାଧୀ। ବାସ୍ତବ ଡାଟାର ଦର୍ପଣ ପ୍ରଦାନ କରିଥାଏ ଏହି ସଫ୍ଟୱେର୍। ଡାଟା ବ୍ୟାକ୍ ଅପ୍ ପାଇଁ ମଧ୍ୟ ଏହାର ବ୍ୟବହାର କରେ ସାଇବର ଠକ। ଏହା ସ୍ୱପ୍ରମାଣିକ କମ୍ପ୍ୟୁଟର ଫରେନସିକ୍ ଉପକରଣ ଅଟେ। ଏହି ସଫ୍ଟୱେର୍ ମାଧ୍ୟମରେ ମିରର୍ କରାଯାଇଥିବା ଡାଟାକୁ ସହଜରେ ପେନ୍ ଡ୍ରାଇଭ୍ ବା ମ୍ୟାଗ୍ନେଟିଭ ଡ୍ରାଇଭ୍‌ରେ କପି କରାଯାଇପାରିବ। ଫଳରେ ଡିଲିଟ୍ ବା ହଟାଯାଇଥିବା ଡାଟା ମିଳି ପାରିଥାଏ। ଉଦାହରଣ ସ୍ୱରୂପ ଯଦି ଜଣେ ନିଜର ଫଟୋ ସ୍ମାର୍ଟଫୋନରେ ସୁରକ୍ଷିତ ରଖିଥିବେ,ପରେ ତାହାକୁ ହଟାଇ ମୋବାଇଲ ବିକ୍ରି କରି ଦେଇଥିବେ, ତେବେ ଡାଟା ସେଫ୍‌ବ୍ୟାକ୍ ଓ ଏଭଳି ସଫ୍ଟୱେର୍‌ର ଉପଯୋଗ କରି ତାହାକୁ ପାଇ ହେବ। ସମାନ ଧରଣର ପନ୍ଥା ଆପଣାଇ ସାଇବର ଠକ ଲୋକଙ୍କ ମାନସିକତା ସହ ଖେଳି ନିଜ ମାୟାଜାଲରେ ସୋମାନଙ୍କୁ ବିଚଳିତ ତଥା ଭ୍ରମିତ କରି ସାଇବର ସାମ୍ରାଜ୍ୟର ସମ୍ରାଟ ସାଜିଛନ୍ତି।




## ଏମ୍ ଡି-୫ ସମ୍

ଡାଟା ଅଖଣ୍ଡତାକୁ ସତ୍ୟାପିତ କରିଥାଏ ଏମ୍ ଡି-୫ ସମ୍ ସଫ୍ଟୱେର୍। ସରଳ ଭାଷାରେ କହିଲେ, ଏହା ଗୋଟିଏ ଅଦ୍ଭୁତ ଟୁଲ୍ ଅଟେ; ଯାହାର ଉପଯୋଗ ଡାଟା କପି କରାଯାଇଛି ନା ନାହିଁ ତାହାକୁ ଯାଞ୍ଚ୍ କରିବା ପାଇଁ କରାଯାଏ। ଏହା ୧୨୮ କ୍ରିପ୍ଟୋଗ୍ରାଫିକ୍ ହେଁଶ ଉପରେ କାମ କରେ। ଫଳରେ ସାଇବର ଅପରାଧୀ ସହଜରେ ଏହାର ବ୍ୟବହାର କରି ଲୋକଙ୍କଠୁ କୋଟି କୋଟି ଟଙ୍କା ଲୁଟିଥାଏ। ■

# ସୋସିଆଲ୍ ମିଡିଆରେ ସାଇବର ଅପରାଧ






**ଦିନକୁ ଦିନ ଯେଉଁଭଳି ଭାବେ ଡିଜିଟାଲ୍ ଦୁନିଆ ତୀବ୍ର ଭାବରେ ବୃଦ୍ଧି ପାଇବାରେ ଲାଗିଛି, ସେଭଳି ସାଇବର୍ ଅପରାଧ ମଧ୍ୟ ବଢ଼ି ବଢ଼ି ଚାଲିଛି । ଇଣ୍ଟରନେଟ୍ ମାଧ୍ୟମରେ ମଣିଷ ଗୋଟିଏ ସ୍ଥାନରେ ବସି ବିଶ୍ୱର କୋଣଅନୁକୋଣରେ ପହଞ୍ଚି ପାରୁଛି । ସୋସିଆଲ୍ ନେଟ୍‌ୱାର୍କ, ଅନ୍‌ଲାଇନ୍ ସର୍ଫିଂ, ଡାଟା ଷ୍ଟୋର୍ କରିବା, ଅନ୍‌ଲାଇନ୍ ଗେମ୍, ଅନ୍‌ଲାଇନ୍ ଜବ୍ ଆଦି କରିବାକୁ ହେଲେ ଇଣ୍ଟର୍‌ନେଟ୍‌ର ଆବଶ୍ୟକତା ରହିଛି । ବର୍ତ୍ତମାନ ଭାରତର ଅଧିକାଂଶ ଲୋକେ ସୋସିଆଲ୍ ନେଟ୍‌ୱାର୍କ ସାଇଟ୍‌ର ବ୍ୟବହାର କରୁଛନ୍ତି । ତେବେ ଅଧିକ ସୋସିଆଲ୍ ନେଟୱାର୍କିଂ ସାଇଟ୍‌ର ସର୍ଭର୍ ବିଦେଶରେ ରହିଛି । ଫଳରେ ଭାରତରେ ସାଇବର୍ ଅପରାଧ ଘଟିଲେ ମଧ୍ୟ ଏହାର ସ୍ଥିତି ଓ ଏହା ସହିତ ଜଡ଼ିତ ବ୍ୟକ୍ତି ପାଖକୁ ପହଞ୍ଚିବା ଅସମ୍ଭବ ହୋଇଥାଏ । ତେଣୁ ଅନେକ ସାଇବର ଅପରାଧୀମାନେ ଅପରାଧ ଘଟାଇବା ପାଇଁ ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କୁ ଟାର୍ଗେଟ୍ କରିଥାନ୍ତି ।**

ବର୍ତ୍ତମାନ ସୋସିଆଲ୍ ମିଡିଆର ବ୍ୟବହାର ତୀବ୍ର ଭାବରେ ବଢ଼ି ଚାଲିଛି । ବିଶେଷ କରି ଯୁବପିଢ଼ି ଫେସ୍‌ବୁକ୍, ହ୍ୱାଟସ୍‌ଆପ୍, ଏକ୍ସ (ଟ୍ୱିଟର୍) , ଇନଷ୍ଟାଗ୍ରାମ ଆଦି ବିଭିନ୍ନ ସୋସିଆଲ୍ ମିଡିଆ ବ୍ୟବହାର କରୁଛନ୍ତି । ସେପଟେ ସାଇବର୍ ଅପରାଧୀମାନେ ଚୋରି, ଠକାମି ପାଇଁ ସୋସିଆଲ୍ ମିଡିଆକୁ ମାଧ୍ୟମ କରୁଛନ୍ତି । ସୋସିଆଲ୍ ନେଟ୍‌ୱାର୍କ ସାଇଟ୍ ବ୍ୟବହାର କରୁଥିବା ବହୁତ ଲୋକ ସାଇବର୍ ଅପରାଧର ବିପଦ ସଂପର୍କରେ ଅନଭିଜ୍ଞ । ବିଭିନ୍ନ ସୋସିଆଲ୍ ନେଟ୍‌ୱାର୍କ ସାଇଟ୍‌ରେ ଲୋକେ ନିଜର ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିଥାନ୍ତି । ଫଳରେ ସହଜରେ ହ୍ୟାକର୍ ଏହି ସୋସିଆଲ୍ ନେଟ୍‌ୱାର୍କ ଆକାଉଣ୍ଟରୁ ତଥ୍ୟ ଚୋରିକରି ଏହାର ଦୁରୁପଯୋଗ କରିଥାଏ । ସୋସିଆଲ୍ ନେଟ୍‌ୱାର୍କ ସାଇଟ୍‌ରେ ହ୍ୟାକର୍ ଅନ୍‌ଲାଇନ୍ ଠକାମି କରିବା ବହୁତ ସହଜ ହୋଇଥାଏ । ଅନ୍‌ଲାଇନ୍ ଟଙ୍କା ଦେଣନେଣ କରୁଥିବା ବିଭିନ୍ନ ଆପ୍ ମାଧ୍ୟମରେ ଆତଙ୍କବାଦୀ ଏବଂ ଦେଶ ବିରୋଧୀ ବ୍ୟକ୍ତିଙ୍କୁ ଫଣ୍ଡିଂ କରାଯାଇଥାଏ । ସେହିପରି ସାଇବର୍ ଅପରାଧୀ ବିଭିନ୍ନ ଅନ୍‌ଲାଇନ୍ ଗେମ୍ସ ମାଧ୍ୟମରେ ପିଲାମାନଙ୍କୁ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରିଥାନ୍ତି । ତେଣୁ ସୋସିଆଲ୍ ମିଡିଆ ବ୍ୟବହାରକାରୀ ସର୍ବଦା ସତର୍କ ରହିବା ଆବଶ୍ୟକ । ନଚେତ୍ ଯେ, କୌଣସି ମୁହୂର୍ତ୍ତରେ ମଧ୍ୟ ଠକାମିର ଶିକାର ହୋଇପାରନ୍ତି ।

## ବନ୍ଧୁତା ସ୍ଥାପନ କରି ଠକାମି

ବନ୍ଧୁତା ସ୍ଥାପନ ପାଇଁ ସୋସିଆଲ୍ ମିଡିଆ ଏକ ଉପଯୁକ୍ତ ପ୍ଲାଟଫର୍ମ । ବହୁ ଚିହ୍ନା ଅଚିହ୍ନା ଲୋକେ ସୋସିଆଲ୍ ମିଡିଆ ମାଧ୍ୟମରେ ସଂପର୍କ ରଖିଥାନ୍ତି । ତେବେ ଅଜଣା ଲୋକଙ୍କ ସହିତ ସୋସିଆଲ୍ ମିଡିଆରେ ବନ୍ଧୁତା ସ୍ଥାପନ କରିବା ଅନୁଚିତ । କାରଣ ଅନେକ ସମୟରେ ଦେଖାଯାଏ ସୋସିଆଲ୍ ମିଡିଆରେ ବନ୍ଧୁତା ସ୍ଥାପନ କରି ପରବର୍ତ୍ତୀ ସମୟରେ ଠକମାନେ ବିଭିନ୍ନ ପ୍ରକାର ଶୋଷଣ କରିଥାନ୍ତି । ପ୍ରଥମେ ସୋସିଆଲ୍ ମିଡିଆରେ ବନ୍ଧୁତା । ପରେ ଠକାମି । ଏଭଳି ଅନେକ ଠକାମିର ଶିକାର ହୋଇଥାନ୍ତି । ବିଶେଷ କରି କୌଣସି ଯୁବକ ବା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ପରେ ଟଙ୍କା ହଡ଼ପ କରିଥାନ୍ତି । ଅନେକ ସମୟରେ ଏ ସଂପର୍କିତ ମାମଲା ଥାନାକୁ ଆସିଥାଏ । ଫେକ୍ ଆଇଡି ଖୋଲି ମଧ୍ୟ ଅନେକ ଚିହ୍ନାପରିଚୟ ଲୋକଙ୍କୁ ଟଙ୍କା ମାଗିଥାନ୍ତି । ବିଶେଷ କରି ଫେସ୍‌ବୁକ୍‌ରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳେ ।

## ଫେକ୍ ଲୋନ୍

ଅନେକ ସମୟରେ ସୋସିଆଲ୍ ମିଡିଆରେ ନକଲି ଅନ୍‌ଲାଇନ୍ ବିଜ୍ଞାପନ ପ୍ରକାଶିତ ହୋଇଥାଏ । ଏଥିରେ ବହୁତ ଲୋନ୍ ଅଫର୍ ଥାଏ । କମ୍ ଟଙ୍କା ଜମା କରି କିଭଳି ଡବଲ୍ ଟଙ୍କା ପାଇବେ, ସେଥିପାଇଁ ଲୋଭନୀୟ ଅଫର୍ ଥାଏ । ଏଭଳି ଆକର୍ଷଣୀୟ ଓ ଲୋଭନୀୟ ବିଜ୍ଞାପନ ମୋହରେ ପଡ଼ିଲେ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇପାରନ୍ତି । ତେଣୁ ଏଭଳି ସନ୍ଦିଗ୍ଧ ଲୋନ୍ ବା କୌଣସି ନକଲି କମ୍ପାନି ସହିତ ଟଙ୍କା ନେଣଦେଣ କରିବା ଅନୁଚିତ । ନଚେତ୍ ସାଇବର୍ ଅପରାଧୀମାନଙ୍କ ଜାଲରେ ପଡ଼ିଯିବା ସୁନିଶ୍ଚିତ ।

## ସର୍ବସ୍ୱାନ୍ତ କରିଦିଏ ନକଲି ଲଟେରି

କେତେକଙ୍କୁ ରାତିରାତି ଧନୀ ହେବାର ନିଶା ଘାରି ଥାଏ । ବେଳେବେଳେ ସୋସିଆଲ୍ ମିଡିଆରେ ନକଲି ଲଟେରିର ବିଜ୍ଞାପନ ଲୋଭରେ ଅନେକେ ପଡ଼ିଥାନ୍ତି । ସୋସିଆଲ୍ ମିଡିଆ ବା ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଏଭଳି ନକଲି ବିଜ୍ଞାପନ ଦିଆଯାଇଥାଏ । ତେଣୁ ଏଭଳି ଆକର୍ଷଣୀୟ ଲଟେରି ବିଜ୍ଞାପନରୁ ଦୂରେଇ ରହିବା ଉଚିତ । ନଚେତ୍ ଅଧିକ ଟଙ୍କା ଲୋଭ ଆପଣଙ୍କୁ ସର୍ବସ୍ୱାନ୍ତ କରିଦେଇପାରେ ।

## ବିପଜ୍ଜନକ ନକଲି ଆଇଡି

ଯଦି ଆପଣଙ୍କ ସୋସିଆଲ୍ ମିଡିଆ ପ୍ରୋଫାଇଲ୍ ପବ୍ଲିକ୍ ହୋଇଥିବ, ତେବେ ଜଣେ ଫଟୋ ଓ ତଥ୍ୟ ଚୋରିକରି ଫେକ୍ ବା ନକଲି ଆଇଡି ଖୋଲିବାର ସମ୍ଭାବନା ରହିଛି । ଆପଣଙ୍କ ଫଟୋ, ଗୋପନୀୟ ତଥ୍ୟକୁ ବ୍ୟବହାର କରି ହ୍ୟାକର୍ ନକଲି ପ୍ରୋଫାଇଲ୍ ଖୋଲି ଏହାର ଅପବ୍ୟବହାର କରିପାରେ । ଏହା ଦ୍ୱାରା ହ୍ୟାକର୍ ଆପଣଙ୍କ ଚିହ୍ନା ପରିଚୟ ଲୋକଙ୍କୁ ଅନ୍‌ଲାଇନ୍‌ରେ ଟଙ୍କା ମାଗିପାରେ । ନକଲି ଆଇଡିରୁ ବିଭିନ୍ନ ଆପତ୍ତିଜନକ ପୋଷ୍ଟ କରିପାରେ । ଯାହା ଆପଣଙ୍କ ସାମାଜିକ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବାର ଆଶଙ୍କା ରହିଛି ।

## ଅଜଣା ମେସେଜ୍‌ରୁ ଦୂରେଇ ରହିବା ଉଚିତ

ଅନେକ ସମୟରେ ହ୍ୱାଟସ୍‌ଆପ୍‌ରେ ଅଜଣା ନମ୍ବର ମେସେଜ୍ ଆସିଥାଏ । ତାକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ । ଏହି ମେସେଜ୍‌ରେ ବିଭିନ୍ନ ଆକର୍ଷଣୀୟ ଅଫର୍ ଦିଆଯାଇଥାଏ । ଏହାର ଲୋଭରେ ପଡ଼ି ଅନେକେ ସର୍ବସ୍ୱାନ୍ତ ହୋଇଥାନ୍ତି । ଏପରିକି ଅଜଣା ନମ୍ବରୁ ହ୍ୱାଟସ୍‌ଆପ୍‌କୁ ଆସୁଥିବା ଲିଙ୍କ୍‌କୁ କ୍ଲିକ୍ କରିବା ଅନୁଚିତ । ଏହା ଦ୍ୱାରା ଆପଣଙ୍କ ମୋବାଇଲ୍‌ରୁ ଡାଟା ହ୍ୟାକ୍ ହୋଇଯାଇପାରେ ।

## ଅତ୍ୟଧିକ ସକ୍ରିୟ ବିପଦପୂର୍ଣ୍ଣ

ଫେସ୍‌ବୁକ୍, ଏକ୍ସ ( ଟ୍ୱିଟର୍) , ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଅଧିକ ସକ୍ରିୟ ହୋଇ ନିଜ ବ୍ୟକ୍ତିଗତ ଡାଟା ସେୟାର୍ କରିବା ବିପଦଜନକ ହୋଇପାରେ । କେତେକ ସୋସିଆଲ୍ ମିଡିଆ ବ୍ୟବହାରକାରୀ ପ୍ରତିଟି ମିନିଟ୍‌ରେ ନିଜର ବ୍ୟକ୍ତିଗତ ଅପ୍‌ଡେଟ୍ ଖବର ଦେଇଥାନ୍ତି । ଏପରିକି ସେମାନେ କେଉଁଠି ଯାଉଛନ୍ତି, କେଉଁଠି ଅଛନ୍ତି ସେ ସଂପର୍କରେ ଲୋକେସନ୍ ମଧ୍ୟ ସେୟାର୍ କରିଥାନ୍ତି । ଏଭଳି କରିବା ଦ୍ୱାରା ନିଜର ଗୋପନୀୟତା ପ୍ରତି ବିପଦ ରହିଥାଏ ବୋଲି ଆଇଟି ବିଶେଷଜ୍ଞମାନେ କହନ୍ତି । ଅନ୍‌ଲାଇନ୍ କାର୍ଯ୍ୟକଳାପ ସର୍ବଦା ସୁରକ୍ଷିତ ନୁହେଁ । ଯଦି ଘରୁ ବାହାରକୁ ଯାଉଛନ୍ତି, ତେବେ ସେ ସଂପର୍କରେ ସବିଶେଷ ତଥ୍ୟ ନିଜ ସୋସିଆଲ୍ ମିଡିଆରେ ଦେବା ଉଚିତ ନୁହେଁ ବୋଲି ସାଇବର ସୁରକ୍ଷା ବିଶେଷଜ୍ଞ କହନ୍ତି । ଯଦି ଫ୍ଲାଇଟ୍‌ରେ ଯାଉଛନ୍ତି, ତେବେ ଫ୍ଲାଇଟ୍ ଛାଡ଼ିବା ସମୟ ଆଦି ତଥ୍ୟ କାହାକୁ ଜଣାନ୍ତୁ ନାହିଁ । ଯାତ୍ରୀଙ୍କ ସବିଶେଷ ତଥ୍ୟର ଦୁରୁପଯୋଗ ହେବାର ସମ୍ଭାବନା ରହିଛି । ସେହିପରି ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ, କଣ୍ଟେଣ୍ଟ ଚୋରି ହେବାର ସମ୍ଭାବନା ରହିଛି । ୱେବ୍‌ରେ ରହୁଥିବା ସମସ୍ତ ତଥ୍ୟ ସୁରକ୍ଷିତ ନୁହେଁ । ତେଣୁ ସୋସିଆଲ୍ ମିଡିଆରେ ଅଧିକ ସକ୍ରିୟ ରହି ନିଜର ବ୍ୟକ୍ତିଗତ ତଥ୍ୟ ପ୍ରଘଟ କରିବା ଦ୍ୱାରା କୌଣସି ଠକାମିର ଶିକାର ହୋଇପାରନ୍ତି ବୋଲି ସାଇବର ସୁରକ୍ଷା ବିଶେଷଜ୍ଞମାନେ ସତର୍କ କରାଇଦେଇଥାନ୍ତି ।

ସୋସିଆଲ୍ ମିଡିଆରେ ନିଜ ମତକୁ ଲୋକେ ସ୍ୱାଧୀନ ଭାବେ ବ୍ୟକ୍ତ କରିପାରୁଛନ୍ତି । ଆଉ ନିଜର ଚିନ୍ତାଧାରାକୁ ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚାଇ ପାରୁଛନ୍ତି । ତେବେ ସୋସିଆଲ୍ ମିଡିଆକୁ ଠିକ୍ ଭାବେ ବ୍ୟବହାର ନକଲେ ସାଇବର୍ ଅପରାଧ ଶିକାର ହେବାର ବହୁତ ସମ୍ଭାବନା ରହିଛି । ତେଣୁ ସତର୍କତା ସହିତ ସୋସିଆଲ୍ ମିଡିଆକୁ ବ୍ୟବହାର କରିବା ଆବଶ୍ୟକ ।





# ଆର୍ଥିକ ସାଇବର ଠକେଇ



ଆକାଶ ମିଶ୍ର

ସମ୍ପ୍ରତି ଡିଜିଟାଲ୍ ଯୁଗ। ଡିଜିଟାଲ୍ ପ୍ଲାଟଫର୍ମରେ ଆର୍ଥିକ ନେଣଦେଣଠୁ ଆରମ୍ଭ କରି ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି। ଏଥିପାଇଁ ସ୍ୱତନ୍ତ୍ର ଆପ୍ ମଧ୍ୟ ରହିଛି। ଇଣ୍ଟରନେଟ୍ ଦ୍ୱାରା ଲୋକେ ଯେତିକି ଉପକୃତ ହେଉଛନ୍ତି, ଅନ୍ୟପଟେ ଆର୍ଥିକ ସାଇବର ଠକେଇ ଘଟଣା କ୍ରମାଗତ ବଢ଼ି ଚାଲିଛି। ନିକଟରେ ସଦ୍ୟ ପ୍ରକାଶିତ ଏକ ଅନ୍ତର୍ଜାତୀୟ ସୁରକ୍ଷା ସଂସ୍ଥାର ତଥ୍ୟ ଅନୁସାରେ, ୨୦୨୨ ତୁଳନାରେ ୨୦୨୩ ମସିହାରେ ଆର୍ଥିକ ସାଇବର ଠକେଇ ମାମଲା ୧୫ ପ୍ରତିଶତ ବୃଦ୍ଧି ପାଇଛି। ଏହାଦ୍ୱାରା କମ୍ପାନୀ, ବ୍ୟାଙ୍କଗୁଡ଼ିକ ଆର୍ଥିକ କ୍ଷେତ୍ରରେ ଅଧିକ ପ୍ରଭାବିତ ହେଉଛି। ସାଇବର ଠକେଇର ମୁଖ୍ୟ ମାଧ୍ୟମ ହେଉଛି କ୍ରେଡିଟ୍ କାର୍ଡ, ଆପ୍, ନଗ୍ନ ଶରୀର ପ୍ରଲୋଭନ ଓ ଭୟ। ଏବେ ଏଆଇ ସହାୟତାରେ ଭଏସ୍ କ୍ଲୋନିଂ କରି ମଧ୍ୟ ସାଇବର ଠକେଇ ହେଉଛି। ଆର୍ଥିକ ଠକେଇକୁ କେମିତି ରୋକି ହେବ, ସେ ସଂପର୍କରେ ସଚେତନ ହେବା ଆବଶ୍ୟକ।

## ଟାର୍ଗେଟ୍‌ରେ ସମ୍ଭ୍ରାନ୍ତ ବ୍ୟକ୍ତି ମହିଳା ଓ ବରିଷ୍ଠ

ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି, ରାଜନେତା, ତାରକାଙ୍କର ବ୍ୟକ୍ତିଗତ ତଥ୍ୟକୁ ସାମାଜିକ ଗଣମାଧ୍ୟମ ଜରିଆରେ ଏକଜୁଟ୍ କରି ଫୋନ୍ ନମ୍ବର ତଥା ଇମେଲ୍ ଜରିଆରେ ସାଇବର ଠକ ଟାର୍ଗେଟ୍ କରନ୍ତି। ସୋସିଆଲ୍ ଇଞ୍ଜିନିୟରିଂ ପଦ୍ଧତିରେ ଲୋକଙ୍କୁ ଠକିବାରେ ସଫଳ ହୁଅନ୍ତି। ଅଧିକାଂଶ ସମୟରେ ମହିଳାମାନେ ଭୁଲବଶତଃ କୌଣସି ମାମଲାରେ ଫସି ବ୍ଲାକିଂମେଲିଂର ଶିକାର ହୋଇ ବାରମ୍ବାର ନିଜ ପରିବାର ଲୋକଙ୍କୁ ନ କହି ଠକଙ୍କୁ ଟଙ୍କା ପଠାଇଥାନ୍ତି। କେବଳ ସେତିକି ନୁହେଁ, ଏହି ଖଳ ପ୍ରକୃତିର ଲୋକଙ୍କ ନଜରରେ ସର୍ବଦା ବୟସ୍କ ଓ ପେନସନ୍‌ଭୋଗୀ ମଧ୍ୟ ଥାଆନ୍ତି। ଯେହେତୁ ବୟସ୍କ ଲୋକ ଡିଜିଟାଲ୍ ଡିଭାଇସ୍ ବା ଇଣ୍ଟରନେଟ୍‌ର ସଠିକ୍ ବ୍ୟବହାର ଠିକ୍ ଭାବେ ଜାଣିନଥାନ୍ତି। ନିଜର ପିନ୍‌କୋଡ୍, ୟୁଜର୍ ଆଇଡିକୁ ସୁରକ୍ଷିତ ରଖିବେ ସେ ବିଷୟରେ ଜାଣିପାରୁନଥିବାରୁ ସେମାନଙ୍କ ଆକାଉଣ୍ଟକୁ ଅତି ଚତୁରତା ସହ ସାଇବର ଠକ ଫିସିଂ, ମାଲୱେର୍, ଭିସିଂ ବା ସ୍ପାଏୱେର୍ ମାଧ୍ୟମରେ ସମସ୍ତ ତଥ୍ୟ ନେଇ ସେମାନଙ୍କ ଆକାଉଣ୍ଟ ଖାଲି କରିଦିଅନ୍ତି।

## କ୍ରେଡିଟ୍ କାର୍ଡ/ ଏଟିଏମ୍ କ୍ଲୋନିଂ

ଏହାକୁ ସ୍କିମିଂ ବୋଲି କୁହାଯାଏ। ସାଧାରଣତଃ ରେସ୍ତୋରାଁ ହେଉ କି ହୋଟେଲରେ ବିଲ୍ ପୈଠ କରିବାକୁ ଏଟିଏମ୍ ବା ଡେଭିଡ୍ କାର୍ଡ ଦେବାକୁ ପଡ଼ିଥାଏ। ଅଧିକାଂଶ ସମୟରେ ସିଧାସଳଖ ପେମେଣ୍ଟ କରାଯାଇଥାଏ। ତେଣୁ ଯଦି କୌଣସି ସ୍କାମ୍‌ର ହାତରେ ଏହି କାର୍ଡ ପଡ଼ିଯାଏ, ସେ ଅତି ଚତୁରତାର ସହ ବିଲ୍ କାଟି କ୍ରେଡିଟ୍ କାର୍ଡର ଏଟିଏମ୍ ପିନ୍, ଜରୁରି ନମ୍ବରକୁ ଚୋରାଇ ନିଅନ୍ତି। ସେହିପରି ପେଟ୍ରୋଲ ପମ୍ପ, ଏଟିଏମ୍, ରେସ୍ତୋରାଁ ତଥା ହୋଟେଲ ଆଦିରେ ଏଟିଏମ୍ ସ୍କିମିଂ ହୋଇଥାଏ। ଏଥିରୁ ବର୍ତ୍ତିବା ପାଇଁ ଏଟିଏମ୍ ବ୍ୟବହାର ସମୟରେ ସତର୍କ ରହିବା ଆବଶ୍ୟକ।



## ବିଟ୍ କଏନ୍ ଓ କ୍ରିପ୍ଟୋ ଠକେଇ

ଏବେ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବାକୁ ସମସ୍ତେ ଚାହୁଁଛନ୍ତି। ସେଥିପାଇଁ ଲୋକେ ବିଟକଏନ୍ ଓ କ୍ରିପ୍ଟୋରେ ଅଧିକ ନିବେଶ କରୁଛନ୍ତି। ଏହାକୁ ଅଦୃଶ୍ୟ ମୁଦ୍ରା କୁହାଯାଏ। ଏହାର ସୁଯୋଗ ନେଇ ସାଇବର ଠକମାନେ ଲୋକଙ୍କୁ ଠକେଇ କରୁଛନ୍ତି। ସ୍କାମର୍ କ୍ରିପ୍ଟୋ ମାଧ୍ୟମରେ ଟଙ୍କା ମାଗିଥାନ୍ତି। ବିଟ୍‌କଏନ୍ ମାଧ୍ୟମରେ ଟଙ୍କା ଠକେଇରେ ପୋଲିସ ଠକକୁ ଚିହ୍ନଟ କରିବାରେ ବିଫଳ ହୁଅନ୍ତି।

## କ୍ୟୁଆର୍‌କୋଡ୍ ସ୍କାମ୍

କ୍ୟୁଆର୍ କୋଡ୍ କେବଳ ଟଙ୍କା ପଠାଇବାକୁ ସ୍କାନ୍ କରାଯାଏ, ଏଥିରୁ ଟଙ୍କା କେବେ ବି ଆସିନଥାଏ। କିନ୍ତୁ ଅଧିକାଂଶ ସମୟରେ ଠକମାନେ ଲୋକଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ପେମେଣ୍ଟ ପଠାଉଥିବା କହି ସେମାନଙ୍କୁ କୋଡ୍ ସ୍କାନ୍ କରିବା ସହ ଓଟିପି ସେୟାର୍ କରିବାକୁ କହିଥାନ୍ତି। ତେଣୁ ଯେତେବେଳେ ଜଣେ ବ୍ୟକ୍ତି ଟଙ୍କା ପାଇବା ଆଶାରେ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତି ତଥା ଓଟିପି ଦିଅନ୍ତି। ଏହି ସମୟରେ ଆକାଉଣ୍ଟରୁ ସମସ୍ତ ଟଙ୍କା ଗାଏବ ହୋଇଯାଏ। ତେଣୁ କ୍ୟୁଆର୍‌କୋଡ୍ ସ୍କାମରୁ ବର୍ତ୍ତିବାକୁ କେବେ ବି ଅଜ୍ଞାତ ପେମେଣ୍ଟ ଆପ୍ ବ୍ୟବହାର କରି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ନାହିଁ। ସେହିପରି ସାଇବର ଠକଙ୍କ ନଜର ସର୍ବଦା ବ୍ୟାଙ୍କ ଆକାଉଣ୍ଟ, ବ୍ୟାଙ୍କ ପିନ୍ ବା କୋଡ୍ ଉପରେ ରହିଥାଏ। ତେଣୁ ସାଇବର ଠକ ଇମେଲ୍, ଇଣ୍ଟରନେଟ୍, କ୍ରେଡିଟ କାର୍ଡ କିମ୍ବା ଅନ୍ୟାନ୍ୟ ଜରୁରି ତଥ୍ୟକୁ ଚୋରିକରି ବ୍ୟାଙ୍କ ଆକାଉଣ୍ଟକୁ ଖାଲି କରିଦିଅନ୍ତି।

## ଧମକରୁ ଟଙ୍କା ଆଦାୟ

ସାଇବର ଠକମାନେ ବିଭିନ୍ନ ଆଳରେ ଜଣେ ବ୍ୟକ୍ତିର ସମସ୍ତ ତଥ୍ୟକୁ ଚୋରି କରିନେଇ ପରବର୍ତ୍ତୀ ସମୟରେ ଏହି ଡାଟାକୁ ବିକ୍ରି କରିବା ବା ସର୍ବସାଧାରଣରେ ପ୍ରକାଶ କରିବା ଧମକ ଦେଇ ମୋଟା ରକମର ଟଙ୍କା ଆଦାୟ କରିଦିଅନ୍ତି।

## କେମିତି ରହିବେ ସୁରକ୍ଷିତ

ନିଜର ତଥ୍ୟକୁ ଗୋପନୀୟ ରଖନ୍ତୁ। ବ୍ୟାଙ୍କ ସେବା ପ୍ରଦାନକାରୀ ଅଫିସିଆଲ୍ ୱେବ୍‌ସାଇଟ୍‌କୁ ବ୍ୟବହାର କରନ୍ତୁ। ଯଦି ପେମେଣ୍ଟ କରିବାରେ କିମ୍ବା ଆପ୍ ଡାଉନ୍‌ଲୋଡ୍ କରିବା ସମୟରେ ସମସ୍ୟା ହେଉଛି, ତେବେ ମୋବାଇଲ୍ ଲାପ୍‌ଟପ୍ ସେହି ସମସ୍ତ ଆପଗୁଡ଼ିକୁ ଲଗ୍‌ଆଉଟ୍ କରିଦିଅନ୍ତୁ। ଇ-କମର୍ସ ପ୍ଲାଟଫର୍ମ ଭଳି ନକଲି ତଥା ଏକାଭଳି ୱେବ୍‌ସାଇଟ୍‌କୁ ଜାଣିବା ପାଇଁ ଇମେଲ୍‌ଗୁଡ଼ିକର ବନାନ ଏବଂ ହେଡର ଯାଞ୍ଚ କରନ୍ତୁ।

ୟୁପିଆଇରେ ଟଙ୍କା ଗ୍ରହଣ କରିବାକୁ ପିନ୍ ପାସ୍‌ୱାର୍ଡ ଦେବାରେ ଆବଶ୍ୟକତା ନାହିଁ। ପଞ୍ଜୀକୃତ କମ୍ପାନୀ ଏବଂ ଲାଇସେନ୍ସପ୍ରାପ୍ତ ସଂସ୍ଥା କି ନାହିଁ ଯାଞ୍ଚ କରନ୍ତୁ। ଏଟିଏମ୍ ବ୍ୟବହାର କରିବା ସମୟରେ ଏବଂ ପିନ୍ ଏଣ୍ଟର୍ କରିବା ସମୟରେ ଅନ୍ୟ ହାତରେ କିପ୍ୟାଡ୍ ଘୋଡ଼ାଇ ଦିଅନ୍ତୁ। ଯଦି ଟଙ୍କା ବାହାରୁ ନାହିଁ ତେବେ ଏଟିଏମ୍‌ରେ କ୍ୟାନସଲ୍ ପ୍ରେସ୍ କରି ହୋମସ୍କ୍ରିନ୍ ଦେଖାଯିବା ପରେ ସେଠାରୁ ଯାଆନ୍ତୁ। ଟଙ୍କା ଜମା କରିବା ବେଳେ ପରିସର ଛାଡ଼ିବା ପୂର୍ବରୁ ମେସିନ୍ ଟଙ୍କା ଗ୍ରହଣ କରିଛି କି ନାହିଁ ନିଶ୍ଚିତ ରୁହନ୍ତୁ। ମେସିନ୍‌ରେ କାର୍ଡ ଭର୍ତ୍ତି କରିବା ସ୍ଲଟ୍ କିମ୍ବା ଏଟିଏମ୍ କିପ୍ୟାଡ୍ ନିକଟରେ କୌଣସି ଅତିରିକ୍ତ ଉପକରଣ ସଂଲଗ୍ନ ହୋଇଛି କି ନାହିଁ ଯାଞ୍ଚ କରନ୍ତୁ। ୟୁପିଆଇ ଆପ୍ ଅପଡେଟ୍ ରଖନ୍ତୁ। ଟଙ୍କା ପଠାଇବା ପୂର୍ବରୁ ଭଲଭାବେ ଯାଞ୍ଚ କରନ୍ତୁ। ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରନ୍ତୁ। ମୋବାଇଲ ନମ୍ବର ଏବଂ ଇମେଲ୍ ଆଇଡିକୁ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରନ୍ତୁ ଏବଂ ଏସ୍‌ଏମ୍‌ଏସ୍ ବା ଇମେଲ୍ ଆଲର୍ଟ ସେବା ଚୟନ କରିବା ଉଚିତ।

କାହାକୁ ଗୋପନୀୟ ତଥ୍ୟ ପିନ୍ ବା ଠିକଣା ଦିଅନ୍ତୁନି। କମ୍ପ୍ୟୁଟର ଏବଂ ମୋବାଇଲ ଡିଭାଇସକୁ ଅପଡେଟ କରନ୍ତୁ। କମ୍ପ୍ୟୁଟରରେ ଆଣ୍ଟି ଭାଇରସ୍ ସଫ୍ଟୱେର ଏବଂ ଆଣ୍ଟି ମାଲୱେର୍ ପ୍ରୋଟେକ୍ସନ୍ ବ୍ୟବହାର କରିବା ଉଚିତ। ଇମେଲ ବା ମେସଜ୍ ଜରିଆରେ କୌଣସି ଲୋଭନୀୟ ଅଫର ବା କୌଣସି ଡିଲ ପାଇଁ ଲିଙ୍କ୍ ଆସିଲେ , ଏହାକୁ କ୍ଲିକ୍ କରନ୍ତୁନି। ଅନ୍‌ଲାଇନ୍ ବ୍ୟାଙ୍କ୍ ଏବଂ ସରକାରୀ ପୋର୍ଟାଲରେ ସାଇନ୍ ଇନ୍ କରିବା ସମୟରେ ସତର୍କ ଓ ସାବଧାନ ରୁହନ୍ତୁ। ■

## କ'ଣ କରିବା ଅନୁଚିତ

ଅନଲାଇନ୍ ସର୍ଚ୍ଚ ମାଧ୍ୟମରେ କେବେ ବି ବ୍ୟାଙ୍କର ୱେବ୍‌ସାଇଟ୍ ବ୍ୟବହାର କରନ୍ତୁ ନାହିଁ। ଫୋନ୍‌ର ଲଗ୍‌ଇନ୍ ବିବରଣୀ ସେଭ୍ କରିବା ଅନୁଚିତ। ଅଜଣା ପୋର୍ଟାଲ୍ ତଥା ସେବାପ୍ରଦାନକାରୀଙ୍କ ବିବରଣୀ ଫୋନ୍‌ରେ ସେଭ୍ କରନ୍ତୁନି। ସାର୍ବଜନୀନ ଉପକରଣ, ସାଇବର କାଫେ ଏବଂ ମାଗଣା ୱାଇଫାଇ ପରି ଅସୁରକ୍ଷିତ ନେଟ୍‌ୱାର୍କରେ ଟ୍ରାନ୍‌ଜାକସନ୍ କରନ୍ତୁ ନାହିଁ। ବ୍ୟାଙ୍କ, ବୀମା, ସରକାରୀ ଅଫିସ୍, କଲ୍‌ସେଣ୍ଟର୍‌ରେ ଏଜେଣ୍ଟ ଭାବେ ପରିଚୟ ଦେଉଥିବା ବ୍ୟକ୍ତିଙ୍କ ଅଫର୍‌ର ଶିକାର ହୋଇ ସେମାନଙ୍କୁ ୟୁଜର୍‌ନେମ୍, ପାସ୍‌ୱାର୍ଡ କାର୍ଡ ପିନ୍, ଓଟିପି, ଜନ୍ମତାରିଖ, ଆଧାରସଂଖ୍ୟା, ପରିବାର ସଦସ୍ୟଙ୍କ ନାମ ଇତ୍ୟାଦି ବିବରଣୀ ଦେବାରୁ ନିବୃତ୍ତ ରୁହନ୍ତୁ। ଯେଉଁଥିରେ ଫାଇନାନ୍ସିଆଲ ଆପ୍ ବ୍ୟବହାର କରାଯାଉଛି, ସେହି ଡିଭାଇସ ସ୍କ୍ରିନ୍ ସେୟାରିଂ ଆପ୍ ଗୁଡ଼ିକ ବ୍ୟବହାର କରନ୍ତୁ ନାହିଁ।

ସାଇବର ସୁରକ୍ଷା ବିଶେଷଜ୍ଞ



# ଅଦୃଶ୍ୟ ଠକଙ୍କ ମାୟାଜାଲ

**ସମ୍ପ୍ରତି ମଣିଷ ଜୀବନର ଅଭିନ୍ନ ଅଂଶ ପାଲଟିଛି ଇଣ୍ଟରନେଟ୍। ଏହା ମଣିଷର ଜୀବନକୁ ଯେତିକି ସହଜ ଓ ସରଳ କରିଛି, ସେତିକି ବେଶି ସମସ୍ୟା ବି ସୃଷ୍ଟି କରୁଛି। ବିଶେଷକରି ବର୍ତ୍ତମାନ ସମୟରେ ସାଇବର ଅପରାଧ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ତା'ସହ ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଆଜି ବି ଅନେକ ଲୋକ ଏହି ଅପରାଧ ବାବଦରେ ଅଜ୍ଞ ରହି ଏହାର ଶିକାର ପାଲଟିଛନ୍ତି। ତେବେ ଏହା କ'ଣ, ପ୍ରଥମ ସାଇବର ଅପରାଧ କେବେ ହୋଇଥିଲା ଏବଂ ଏହାକୁ ନେଇ କ'ଣ ସବୁ ଆଇନ ରହିଛି, ତାହାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।**

## ସାଇବର ଅପରାଧ କ'ଣ

ସାଇବର ଅପରାଧ ହେଉଛି ଏକ ଅନଲାଇନ୍ ଅପରାଧ। ଏଥିରେ ଇଣ୍ଟରନେଟ୍ ବା ଡିଜିଟାଲ୍ ଉପକରଣକୁ ବ୍ୟବହାର କରାଯାଇ ଠକେଇ କରାଯାଏ। ମୁଖ୍ୟତଃ ଏଥିରେ କମ୍ପ୍ୟୁଟର ସିଷ୍ଟମ୍, ନେଟ୍‌ୱାର୍କ ଏବଂ ଇଣ୍ଟରନେଟ୍ ସମ୍ବନ୍ଧିତ ସୁରକ୍ଷାକୁ ନେଇ ସମସ୍ୟା ଉତ୍ପନ୍ନ ହୋଇଥାଏ। ସାଇବର ଠକ ଏହା ମାଧ୍ୟମରେ ଟଙ୍କାଠୁ ଆରମ୍ଭ କରି ବ୍ୟକ୍ତିଗତ ଗୋପନୀୟତାକୁ ମଧ୍ୟ ଚୋରି କରିଥାନ୍ତି। ଏପରିକି କେତେବେଳେ ଡାଟା ହ୍ୟାକିଂ, ଫିସିଂ ମେଲ୍, ଓଟିପି ଠକେଇ କରନ୍ତି ତ ଆଉ କେତେବେଳେ ମୋବାଇଲ୍ ମାଧ୍ୟମରେ ଠକେଇ କରିଥାନ୍ତି। ତେବେ ସାଇବର କ୍ରାଇମ୍ ସହ ସମ୍ବନ୍ଧିତ ସମସ୍ତ ମାମଲାକୁ ପୋଲିସ ଓ କେନ୍ଦ୍ରୀୟ ଏଜେନ୍ସି ଦେଖିଥାଏ।

## କେବେଠୁ ଆରମ୍ଭ

୧୮୩୪ ମସିହାରେ ଦୁଇ ଜଣ ଚୋର ଫ୍ରାନ୍ସର ଟେଲିଗ୍ରାଫ୍ ସିଷ୍ଟମ୍‌କୁ ଜାଣି ଠକେଇ କରିବାକୁ ଚେଷ୍ଟା କରିଥିଲେ। କେବଳ ସେତିକି ନୁହେଁ, ଏହା ମାଧ୍ୟମରେ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅର୍ଥନୈତିକ ବଜାର ସମ୍ପର୍କରେ ଜାଣି ସମସ୍ତ ତଥ୍ୟ ଚୋରି କରିବା । ଅନେକ ବିଶେଷଜ୍ଞ ଏହାକୁ ପ୍ରଥମ ସାଇବର ଅପରାଧ ବୋଲି କହନ୍ତି। ପରବର୍ତ୍ତୀ ସମୟରେ ଟେକ୍ନୋଲୋଜିର ବିକାଶ ସହ ଏହି ଅପରାଧ ମଧ୍ୟ ବଢ଼ିଲା।

## ସବୁଠୁ ଅଧିକ କେଉଁଠି

ସାଇବର ଅପରାଧ ମୁଖ୍ୟତଃ ବିକାଶଶୀଳ ଦେଶମାନଙ୍କରେ ବେଶି ଦେଖିବାକୁ ମିଳେ। କାରଣ ବିକାଶଶୀଳ ଦେଶରେ ଇଣ୍ଟରନେଟ୍ ଓ ଡିଜିଟାଲ୍ ଟେକ୍ନୋଲୋଜିର ଉପଯୋଗ ବେଶି ହୋଇଥାଏ। ଆମେରିକା, ଚୀନ୍, ଭାରତ, ରୁଷ୍, ଜାପାନ ଆଦି ଦେଶରେ ଅଧିକ ସାଇବର ଠକେଇ ଅଧିକ ହୋଇଥାଏ। ଅନ୍ୟପଟେ ବିଭିନ୍ନ ଦେଶରେ ସାଇବର ଅପରାଧ ଭିନ୍ନ ଭିନ୍ନ ପ୍ରକାରର କରାଯାଏ। ଅନ୍‌ଲାଇନ୍ ଠକେଇ, ଫିସିଂ, ମୋବାଇଲ ଫୋନ୍ ଭାଇରସ, ଅନ୍‌ଲାଇନ୍ ନେଣଦେଣ ମାଧ୍ୟମରେ ଏହି ଠକେଇ ବେଶି ଏଠାରେ ଦେଖିବାକୁ ମିଳେ।

## ଆମେରିକାରେ ବ୍ୟବସାୟ ପ୍ରଭାବିତ

ସାଇବର କ୍ରାଇମ୍ ଏକ ଗମ୍ଭୀର ସମସ୍ୟା। ଯାହା ଜନସାଧାରଣ ତଥା ବ୍ୟବସାୟକୁ ସମାନ ଭାବେ ପ୍ରଭାବିତ କରି ବିପଦ ସୃଷ୍ଟି କରିଥାଏ। ତେବେ ଆମେରିକାରେ ବ୍ୟବସାୟ ପାଇଁ ବଡ଼ ସମସ୍ୟା ହେଉଛି ଅନ୍‌ଲାଇନ୍ ଧମକ। ଟଙ୍କା ଆଣିବା ପାଇଁ ର୍ୟାସମ୍‌ୱେରକୁ ଉପଯୋଗ କରିବା ଏବଂ ଗ୍ରାହକ ତଥା କର୍ମଚାରୀଙ୍କ ବ୍ୟକ୍ତିଗତ ତଥ୍ୟକୁ ପଦାରେ ପକାଇବା ଏବେ ଏଠାରେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ୨୦୨୨ ମସିହା ମଧ୍ୟ ଭାଗରେ ପ୍ରକାଶିତ ଜୁନିପରର ସର୍ଭେ ଅନୁସାରେ, ଇ-କମର୍ସ ଉଦ୍ୟୋଗକୁ ୨୦୨୨ ମସିହାରେ ଠକେଇ ଯୋଗୁଁ ୪୧.୪ ଡଲାର ବିଲିଅନ୍ କ୍ଷତି ସହିବାକୁ ପଡ଼ିଥିଲା। ଏ ଦୃଷ୍ଟିରୁ ଠକେଇ ଇ-କମର୍ସ ବ୍ୟବସାୟ ଓ ସେମାନଙ୍କ ଗ୍ରାହକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ସେହିପରି ଡାଟା ଲିକ୍ ମଧ୍ୟ କମ୍ପାନିର କର୍ମଚାରୀ, ଗ୍ରାହକ ପାଇଁ ବିପଦ ସୃଷ୍ଟି କରୁଛି। ଅବଶ୍ୟ ଏହି ସମସ୍ୟାର ସମାଧାନରୁ ମୁକ୍ତି ପାଇବା ପାଇଁ ଲୋକଙ୍କୁ ସଚେତନ ରହିବା ଦରକାର। ଏହାସହ ସଫ୍ଟୱେରକୁ ଅପଡେଟ୍ ରଖିବା, ମଜଭୁତ ପାସ୍‌ୱାର୍ଡ ରଖିବା ସହ ଆଣ୍ଟି ଭାଇରସ୍ ସଫ୍ଟୱେରକୁ ଉପଯୋଗ କରିବା ଦରକାର।







## କ'ଣ ରହିଛି ଆଇନ

ଭାରତରେ ସାଇବର ଅପରାଧ ସହ ଜଡ଼ିତ ମାମଲା ଆଇଟି ଆକ୍ଟ ୨୦୦୦ ଅଧୀନରେ ଆସିଥାଏ। ଅପରାଧୀଙ୍କ ବିରୋଧରେ ଧାରା ୪୩, ୬୫, ୬୬ ମାମଲା ରୁଜୁ ହୋଇଥାଏ। ସେହିପରି ଆଇପିସି ଧାରା ୪୨୦, ୧୨୦ ବି ଓ ୪୦୬ ଅଧିନରେ ମଧ୍ୟ ମାମଲା ଚାଲେ। ଏହି ଆଇନ ଇଲେକ୍‌ଟ୍ରୋନିକ୍ସ ସଞ୍ଚାରକୁ ଉପଯୋଗ କରେ। ତେବେ ଆଇଟି ଅଧିନିୟମ ବିଭିନ୍ନ ପ୍ରକାର ସାଇବର ଅପରାଧକୁ ପରିଭାଷିତ କରିଥାଏ। ଯେଉଁଥିରେ ହ୍ୟାକିଂ, କମ୍ପ୍ୟୁଟର ଦସ୍ତାବିଜ୍‌ର ତଥ୍ୟ ଚୋରି, ଅନ୍‌ଲାଇନ୍ ଅଶ୍ଳୀଳ ସାମଗ୍ରୀର ବିତରଣ ସାମିଲ ଅଛି। ଏଥିରେ ଜରିମାନା ଓ ଦଣ୍ଡବିଧାନ ସହିତ ଅପରାଧୀଙ୍କୁ ଦଣ୍ଡିତ କରାଯାଏ। ଏହାବାଦ୍ ବିଭିନ୍ନ ସମୟରେ ଏହାକୁ ନେଇ ଆଇନ ସଂଶୋଧନ ମାନ ଦେଖିବାକୁ ମିଳିଛି। ୨୦୦୮ରେ ଆଇଟି ସଂଶୋଧନ ଅଧିନିୟମ ପାରିତ କରାଯାଇଥିଲା। ସାଇବର ଅପରାଧ ମାମଲାକୁ ସାମ୍ନା କରିବା ପାଇଁ ଭାରତ ସରକାର ସାଇବର କ୍ରାଇମ୍ ଇନ୍‌ଭେଷ୍ଟିଗେସନାଲ ସେଲ୍ (ସିସିଆଇସି) ସହିତ ବିଭିନ୍ନ ଏଜେନ୍ସିକୁ ସ୍ଥାପନା କରିଛନ୍ତି। ଯାହାକି ସାଇବର ଅପରାଧର ତଦନ୍ତ ଏବଂ ମୋକଦ୍ଦମା ପରିଚାଳନା ପାଇଁ ଦାୟୀ ରହିଥାଏ। ଅନ୍ୟପଟେ ଗୃହ ମନ୍ତ୍ରାଳୟରେ ସାଇବର କ୍ରାଇମ୍ ଡିଭିଜନ୍ ବି ରହିଛି। କହିବାକୁ ଗଲେ, ସାଇବର ଅପରାଧ ଦଣ୍ଡର ମୂଳ ଉଦ୍ଦେଶ୍ୟ ହେଉଛି, ସାଇବର ଅପରାଧୀଙ୍କୁ ରୋକିବା ତଥା ଜନସାଧାରଣ ଏବଂ ବ୍ୟବସାୟକୁ ଅନ୍‌ଲାଇନ୍ ଠକେଇରୁ ସୁରକ୍ଷିତ ରଖିବା।




## କେମିତି କରିବେ ଅଭିଯୋଗ

ଯେ କେହି ବି ଯେକୌଣସି ସାଇବର ଅପରାଧର ଶିକାର ହୋଇଥିଲେ, ସରକାରଙ୍କ ସାଇବର କ୍ରାଇମ୍ ୱେବ୍‌ସାଇଟ୍‌ରେ ମାମଲା ପଞ୍ଜୀକରଣ କରିପାରିବେ। ଏହାବାଦ୍ ଥାନାର ସାଇବର ସେଲ୍‌ରେ ଠକେଇ ବିରୋଧରେ ଅଭିଯୋଗ କରିପାରିବେ। ଅନ୍ୟପଟେ ବ୍ୟାଙ୍କ ଠକେଇର ଶିକାର ହୋଇଥିଲେ, ବ୍ୟାଙ୍କ ଆକାଉଣ୍ଟ, ବ୍ୟାଙ୍କ କାର୍ଡ ସମ୍ବନ୍ଧିତ ତଥ୍ୟ ପୁଲିସକୁ ପ୍ରଦାନ କରିପାରିବେ। ■

# ଠକେଇରୁ ବର୍ତ୍ତିବା ପାଇଁ ସତର୍କତା






**ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଫଳରେ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ କମ୍ପ୍ୟୁଟର୍ ଓ ଇଣ୍ଟର୍‌ନେଟ୍‌ର ବ୍ୟବହାର କରାଯାଉଛି । ଟଙ୍କା ନେଣଦେଣଠୁ ଆରମ୍ଭ କରି ତଥ୍ୟ ଆଦାନପ୍ରଦାନ ଆଦି ଇଣ୍ଟରନେଟ୍ ସହାୟତାରେ କରାଯାଉଛି । ତେଣୁ ଅନେକ ସମୟରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଡିଭାଇସ୍ ଇଣ୍ଟରନେଟ୍‌ରେ ସଂଯୋଗ ହୋଇ ରହିଥାଏ । ବର୍ତ୍ତମାନ ସମୟରେ ଯେଉଁ ପରିମାଣରେ ଇଣ୍ଟରନେଟ୍‌ର ବ୍ୟବହାର କରାଯାଉଛି, ତାକୁ ଦୃଷ୍ଟିରେ ରଖି ବ୍ୟବହାରକାରୀଙ୍କ ତଥ୍ୟକୁ ସୁରକ୍ଷା ଦେବା ଖୁବ୍ ଜରୁରି ହୋଇପଡ଼ିଛି । କାରଣ ଦିନକୁ ଦିନ ଫ୍ରଡ୍, ହ୍ୟାକିଂ , ଭାଇରସ୍ ଆକ୍ରମଣ ଆଦି ଅପରାଧିକ ଘଟଣା ଅଧିକ ଘଟିବାରେ ଲାଗିଛି । ତେଣୁ ବ୍ୟବହାରକାରୀଙ୍କ ତଥ୍ୟକୁ ସୁରକ୍ଷା ପ୍ରଦାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସାଇବର କ୍ରାଇମରୁ ସୁରକ୍ଷା ଦେବା ପାଇଁ ସାଇବର ସିକ୍ୟୁରିଟିର ବ୍ୟବହାର କରାଯାଇଥାଏ । ଏଥିରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ତଥ୍ୟକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯାଇଥାଏ । ସାଧାରଣତଃ ସାଇବର ଅପରାଧକୁ କମ୍ପ୍ୟୁଟର ଅପରାଧ ଭାବେ ବିବେଚନା କରାଯାଏ । ଏଥିରେ ଅପରାଧୀଙ୍କ ଗତିବିଧିର ଏକ ବିସ୍ତୃତ ଶୃଙ୍ଖଳା ସାମିଲ୍ ରହିଛି । ସାଇବର ଅପରାଧରୁ ସୁରକ୍ଷିତ ରହିବା ପାଇଁ କ'ଣ କ'ଣ ସର୍ତକତା ଅମ୍ବଲମ୍ବନ କରିବା ଆବଶ୍ୟକ, ସେ ସଂପର୍କରେ ଜାଣିବା ଉଚିତ ।**

## ଆଣ୍ଟି-ଭାଇରସ୍ ସୁରକ୍ଷାର ଉପଯୋଗ

ର୍‌ୟାସମ୍‌ୱେର୍ ଭାଇରସ୍ ସମେତ ମେଲ୍‌ୱେର୍‌ରୁ ନିଜକୁ ସୁରକ୍ଷା ଦେବାପାଇଁ ଭଲ ଆଣ୍ଟି-ଭାଇରସ୍‌ର ଉପଯୋଗ କରିବା ଆବଶ୍ୟକ । ତେଣୁ କମ୍ପ୍ୟୁଟରରେ ଆଣ୍ଟି ଭାଇରସ୍ ସଫ୍ଟୱେୟାର୍ ରଖିବା ଜରୁରି ।

## ଶକ୍ତିଶାଳୀ ପାସ୍‌ୱାର୍ଡର ବ୍ୟବହାର

ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଜିମେଲ୍‌ରେ ସଦା-ସର୍ବଦା ଏକ ଶକ୍ତିଶାଳୀ ପାସ୍‌ୱାର୍ଡ ବ୍ୟବହାର ଉଚିତ । ସେହି ପାସ୍‌ୱାର୍ଡକୁ ଅନ୍ୟ କୌଣସି ୱେବ୍‌ସାଇଟ୍‌ରେ ରିପିଟ୍ କରିବା ଠିକ୍ ନୁହେଁ । ନିଜ କ୍ରେଡିଟ୍ କାର୍ଡର ତଥ୍ୟ କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅଜଣା ଲୋକଙ୍କୁ ଦେବା ଉଚିତ ନୁହେଁ ।

## ସଫ୍ଟୱେର୍ ଅପଡେଟ୍ କରିବା

ଅପଡେଟ୍ ସଫ୍ଟୱେର୍ ଅପରେଟିଂ ସିଷ୍ଟମ୍, ଇଣ୍ଟରନେଟ୍ ସୁରକ୍ଷା ସଫ୍ଟୱେର୍ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ସାଇବର୍ ଅପରାଧୀମାନେ ଆପଣଙ୍କ ନିକଟରେ ପହଞ୍ଚିବା ପାଇଁ ସଫ୍ଟୱେର୍‌ରେ ଥିବା ଦୁର୍ବଳତାକୁ ବ୍ୟବହାର କରିଥାନ୍ତି ।



## ବ୍ୟକ୍ତିଗତ ତଥ୍ୟ ସେୟାର୍ ନ କରିବା ଉଚିତ

ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ନିଜର ବ୍ୟକ୍ତିଗତ ତଥ୍ୟକୁ ସେୟାର୍ ନକରିବା ଉଚିତ । ଆବଶ୍ୟକ ନଥିଲେ ବ୍ୟକ୍ତିଗତ ତଥ୍ୟକୁ ଲକ୍ (ବନ୍ଦ) ରଖିବା ଅତ୍ୟନ୍ତ ଜରୁରି । ନିଜର ଗୋପନୀୟ ତଥ୍ୟକୁ ସର୍ବସାଧାରଣ କ୍ଷେତ୍ରରେ ଯେତେ କମ୍ ସେୟାର କରିବେ, ସେତେ ଭଲ ।

## ପରିଚୟକୁ ସୁରକ୍ଷିତ ରଖିବା

ଯେତେବେଳେ ଇଣ୍ଟରନେଟ୍‌ରେ ନିଜର ବ୍ୟକ୍ତିଗତ ତଥ୍ୟ ଦେବାକୁ ପ୍ରେରିତ କରାଯାଏ, ସେହି ସମୟରେ ଡାଟାଚୋରି ହେବାରେ ବେଶ୍ ସମ୍ଭାବନା ରହିଥାଏ । ମଝିରେ ମଝିରେ ଫେସବୁକ୍, ଏକ୍ସ (ପୂର୍ବରୁ ଟ୍ୱିଟର୍) ଓ ୟୁ-ଟ୍ୟୁବର ସୁରକ୍ଷା ସେଟିଂକୁ ଯାଞ୍ଚ୍ କରନ୍ତୁ । ସର୍ବସାଧାରଣ ସ୍ଥାନରେ ୱାଇଫାଇ, ହଟସ୍ପଟ୍ ବ୍ୟବହାର କରିବା ସମୟରେ ସଚେତନ ରହିବା ଆବଶ୍ୟକ । କୌଣସି ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ସେ ବିଷୟରେ ସତ୍ୟତା ଜାଣିବା ଉଚିତ ।



## ସୁରକ୍ଷା ଉଲଂଘନ ସଂପର୍କରେ ଜାଣିବା ଉଚିତ

ଯଦି ଜଣେ କୌଣସି ୱେବ୍‌ସାଇଟ୍ ମାଧ୍ୟମରେ ବ୍ୟବସାୟ କରୁଛନ୍ତି, ଯାହା ସୁରକ୍ଷା ଉଲଂଘନ ସମ୍ବନ୍ଧୀୟ ଦ୍ୱାରା ପ୍ରଭାବିତ ହୋଇଥାଏ । ତେବେ ଜାଣିବାକୁ ଚେଷ୍ଟା କରିବା ଉଚିତ, ହ୍ୟାକର୍ କେଉଁ ତଥ୍ୟର ବ୍ୟବହାର କରିଛନ୍ତି, ସେହି ଅନୁସାରେ ତୁରନ୍ତ ନିଜ ପାସ୍‌ୱାର୍ଡକୁ ବଦଳାଇବା ଆବଶ୍ୟକ ।

## ପିଲାମାନଙ୍କୁ ଇଣ୍ଟର୍‌ନେଟ୍ ବ୍ୟବହାରରୁ ଦୂରେଇବା

ସାଧାରଣତଃ ପିଲାମାନଙ୍କୁ ଇଣ୍ଟରନେଟ୍ ବ୍ୟବହାର କରିବାରୁ ବାରଣ କରିବା ଉଚିତ । ଇଣ୍ଟରନେଟ୍ ବ୍ୟବହାର ନକରି କିପରି ସ୍ୱକାର୍ଯ୍ୟ କରାଯାଇପାରିବ, ତାହା ଜଣାଇବା ଆବଶ୍ୟକ । ସେମାନଙ୍କୁ ଅନଲାଇନ୍‌ରେ ହେଉଥିବା ବିଭିନ୍ନ ସମସ୍ୟା ତଥା ଅନୁକରଣ କରିବା କିମ୍ବା ଧମକାଇବା ଭଳି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ ସଂପର୍କରେ ଜଣାଇବା ଆବଶ୍ୟକତା ମଧ୍ୟ ରହିଛି । ତେବେ ପିଲାମାନଙ୍କୁ ନିଜର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେୟାର୍ କରିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । କାରଣ ପରିଚିତ ଚୋରମାନେ ସର୍ବଦା ଛୋଟପିଲାମାନଙ୍କୁ ଟାର୍ଗେଟ୍ କରିଥାନ୍ତି । ତେଣୁ ପିଲାମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଉପରେ ନଜର ରଖିବା ଉଚିତ ।



## ଅପରାଧର ଶିକାର ହେଲେ କ'ଣ କରିବେ

କୌଣସି ପରିସ୍ଥିତିରେ ଯଦି ଜଣେ ସାଇବର ଅପରାଧର ଶିକାର ହେବାର ଅନୁଭବ ହୁଏ, ତେବେ ସର୍ବପ୍ରଥମେ ସ୍ଥାନୀୟ ପୁଲିସ ସହ ପରାମର୍ଶ କରିବା ଉଚିତ । ଅଥବା କୌଣସି ପ୍ରକାର ସାଇବର ଅପରାଧ ଘଟିଲେ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କରିପାରିବେ । ସେହିପରି ଯଦି ଜଣଙ୍କ ପରିଚୟ ପ୍ରମାଣପତ୍ର ତଥା ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥାଏ, ତେବେ ସେହି କମ୍ପାନୀ ଏବଂ ବ୍ୟାଙ୍କକୁ ସେ ସଂପର୍କରେ ସୂଚନା ଦେବା ଆବଶ୍ୟକ । ସାଇବର ଅପରାଧୀଙ୍କ ସହ ଲଢ଼େଇ କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ । ତେଣୁ ସାଇବର ଠକେଇ ହେବା ପୂର୍ବରୁ ସଚେତନ ଓ ସତର୍କ ରହିବା ଆବଶ୍ୟକ । ■






## ଚକ୍‌ମା ଦେବେ ଚିରଞ୍ଜିବୀ

ନିର୍ବାଚନ ମୁଣ୍ଡ ଉପରେ । ଏତିକି ବେଳକୁ କ୍ଷମତାକୁ ଫେରିବାକୁ କସରତ ପରିବର୍ତ୍ତେ ନିଜ ନିଜ ଗୋଛି କାଟିବାକୁ ଷଡ଼ଯନ୍ତ୍ରରେ ମାହିର କୁହାଯାଉଥିବା ରାଜ୍ୟ ହାତ ପାର୍ଟି ନେତା ଦେଇଥିବା 'ନଅ'ରୁ 'ନବେ' ଡ଼ାକରା, ପ୍ରଭାରୀ ଅଜୟକୁମାରଙ୍କ 'ପ୍ରଗମନ୍', ରାଜ୍ୟନେତାଙ୍କ 'ବସ୍ ଯାତ୍ରା' କେବଳ ଦଳର କତିପେୟ କର୍ମୀଙ୍କ ସ୍ଲୋଗାନ ଭିତରେ ସୀମାବଦ୍ଧ । ଏହି ସମୟରେ ଦଳର ପୁଞ୍ଜାଏ ଜିଲ୍ଲା ମୁଖିଆ ଜଣକ ପରେ ହାତକୁ ଅଲବିଦା କରିବା ଯେତିକି ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା, ଚିରଞ୍ଜିବୀଙ୍କ ବନ୍ଧୁମିଳନ କୁଆଡ଼େ ଦଳକୁ ତା'ଠୁ ବେଶୀ ଅକଳରେ ପକାଇଛି । ଢେର ଦିନ ପରେ ତାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ସତ; ମାତ୍ର ତାଙ୍କ ରାଜନୈତିକ ଶରୀରରେ ଦଳ ଦେଇଥିବା ଗଭୀର କ୍ଷତକୁ ଚିରଞ୍ଜିବୀ ଭୂଲି ପାରୁନାହାନ୍ତି । ନିକଟରେ ଜଗତସିଂହପୁର ବିଧାନସଭା ନିର୍ବାଚନ କ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ଚିରଞ୍ଜିବୀ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ କରିଛନ୍ତି । ମାତ୍ର କୌଣସି ସମାବେଶରେ ଦଳର ଚିହ୍ନ ବ୍ୟବହାର କରିଥିବା ଦେଖାଯାଇ ନାହିଁ । ନିଜର ଘନିଷ୍ଠ ସହଯୋଗୀ ଓ କର୍ମୀଙ୍କୁ ନେଇ କରୁଥିବା ବୈଠକରେ ନିଜର ଭବିଷ୍ୟତ ରାଜନୈତିକ ଯାତ୍ରା ସମ୍ପର୍କରେ ଚିରଞ୍ଜିବୀ କୌଣସି ଟିପ୍ପଣୀ ଦେଉ ନାହାନ୍ତି କି ହାତ ଦଳ କଥା ଉଠାଉ ନାହାନ୍ତି । ଏପରିକି ଦଳୀୟ ଟିକେଟ ପାଇଁ ସିଏ କୁଆଡ଼େ ଆବେଦନ ବି କରି ନାହାନ୍ତି । ଏଥିରୁ କିଏ କ'ଣ ବୁଝୁଛି, ତାହା ଭିନ୍ନ କଥା; ମାତ୍ର ଚିରଞ୍ଜିବୀଙ୍କ ଏହି ପରୋକ୍ଷ ଇଙ୍ଗିତ କୁଆଡ଼େ ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ ଆଉ ତାଙ୍କ ପରାମର୍ଶଦାତାମାନଙ୍କ ହୋସ ଉଡ଼ାଇ ଦେବାକୁ ଯଥେଷ୍ଟ ବୋଲି ଜଗତସିଂହପୁରରେ ଭାରି ଚର୍ଚ୍ଚା ।



## ଗହ୍ମା ପୂନେଇଁରେ ଷଡ଼ଙ୍ଗୀ ମାଇଁ

ନିଜର ବ୍ୟକ୍ତିଗତ ସଙ୍ଗଠନ ଗଢ଼ିବା ପାଇଁ ଦଳୀୟ ସଙ୍ଗଠନକୁ ପାଞ୍ଚ ବର୍ଷ ଉପେକ୍ଷା କରିବା ପରେ ଆକସ୍ମିକ ଭାବରେ ରାଜଧାନୀ ସାଂସଦ ଅପରାଜିତାଙ୍କର କୁଆଡ଼େ ଚୈତନ୍ୟୋଦୟ ହୋଇଛି । ଭୋଟ ଯେତେ ପାଖେଇ ଆସୁଛି, ଅପରାଜିତା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଞ୍ଚଳ ଘୂରିଘୂରି ଦଳୀୟ ନେତା ଓ କର୍ମୀଙ୍କ ନିକଟତର ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ମାତ୍ର ବାବୁ-ଜଗନ୍ନାଥଙ୍କ ସଙ୍ଗଠନ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଭୋଟ ଭାଙ୍ଗିବ ବୋଲି ସାଂସଦ ଭାବୁଛନ୍ତି । ତେଣୁ ଗହ୍ମାପୂନେଇଁ ମାଇଁ ପରି ସାଂସଦ ଷଡ଼ଙ୍ଗୀ ଭୁବନେଶ୍ୱର ମହାନଗର ନିଗମରେ ନିର୍ବାଚିତ ଓ ପରାଜିତ କର୍ପୋରେଟରଙ୍କୁ ଭେଟି ସଙ୍ଗଠନ ଆଉ ବୁଥ୍‌କୁ ସୁଦୃଢ଼ କରିବାରେ ସହଯୋଗ ଲାଗି ନେହୁରା ହେଉଛନ୍ତି । ପ୍ରତି ବୁଥ୍‌ରେ ଅନ୍ୟୁନ ୨୦ ଜଣ ସକ୍ରିୟ କର୍ମୀ ସୃଷ୍ଟି କରିବାକୁ କର୍ପୋରେଟରଙ୍କୁ ଅନୁରୋଧ କରୁଛନ୍ତି । ହେଲେ କର୍ପୋରେଟରମାନେ ସାଂସଦଙ୍କ ଧରାଛୁଆଁ ବାହାରେ । ମହାନଗର ନିଗମ ନିର୍ବାଚନ ସମୟରେ ସ୍ଥାନୀୟ ନେତା ଓ କର୍ମୀଙ୍କ କଥାକୁ ଭ୍ରୂକ୍ଷେପ ନ କରି ରାଜଧାନୀ ରାଜନୀତିର 'ର' ଅକ୍ଷର ଜାଣି ନ ଥିବା ଜଣେ ମହିଳାଙ୍କୁ ସାଂସଦ ତାଙ୍କ ଉପରେ ଲଦି ଦେଇଥିଲେ । ନିର୍ବାଚନରେ ପରାଜୟ ପରେ ସେହି ମହିଳା ଏବେ ନିର୍ବାସନରେ । ସେତେବେଳେ ଦଳର ନେତା ଓ କର୍ମୀଙ୍କ କଥା ଗୁରୁତ୍ୱ ଦେଇ ନ ଥିବାରୁ ଏବେ ଆପଣଙ୍କ କଥା ଶୁଣିବୁ ନାହିଁ ବୋଲି ନିର୍ବାଚିତ କର୍ପୋରେଟର ସିଧାସିଧା ସାଂସଦଙ୍କୁ ଶୁଣାଇ ଦେଇଛନ୍ତି । ଏତିକି ବେଳକୁ ବିଭିନ୍ନ ଅଞ୍ଚଳ ଘୂରିଘୂରି ଶ୍ରୀମୟୀ ଯେପରି ଶଙ୍ଖପତିଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛନ୍ତି, ତାହା ସାଂସଦ ଷଡ଼ଙ୍ଗୀଙ୍କ ଶିରପୀଡ଼ାକୁ ବଢ଼ାଇ ଦେଇଛି ।



## ଗଣେଶ ଫାଶରେ ପୃଥ୍ୱୀରାଜ

ମୂଷା ଭାବି ଚୁଚୁନ୍ଦ୍ରାକୁ ପାଟିରେ ଧରିବା ପରେ ନାଗ ଯେପରି କାଢ଼ି ପାରେ ନାହିଁ କି ଗିଳି ପାରେ ନାହିଁ, ଏବେ ଠିକ୍ ସମାନ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଚିଲିକା ହରିଚନ୍ଦନ ପୃଥ୍ୱୀରାଜ । ଷଡ଼ଙ୍ଗୀ ସାଂସଦଙ୍କ ଗଣେଶ ଫାଶରେ ପୃଥ୍ୱୀରାଜ ଛଟପଟ ହେଉଛନ୍ତି ସିନା, ତୁଣ୍ଡରୁ ଶବ୍ଦଟିଏ ବି ବାହାରୁ ନାହିଁ । ଗଲା ନିର୍ବାଚନରେ ଯାହାଙ୍କଠାରୁ ସିଏ ବଡ଼ ଶୋଚନୀୟ ଭାବରେ ପରାଜିତ ହୋଇଥିଲେ, ତାଙ୍କ କର୍ମୀଙ୍କ ଉପରେ ଗାଡ଼ି ମଡ଼ାଇବାକୁ ଉଦ୍ୟମ କରିବା ସହ ମାଡ଼ ମାରିଥିଲେ, ସେହି ଲୋକକୁ ସ୍ୱାଗତ କରି ତାଙ୍କ ଗାଲରେ ଶକ୍ତ ଚାପୁଡ଼ା ଦେଇଛି ଦଳ । ବିଧାୟକଙ୍କ ଗୁଣ୍ଡାଗିରିକୁ ତୀବ୍ର ବିରୋଧ କରି ପୃଥ୍ୱୀରାଜ, ତାଙ୍କ ଦଳର ନେତା ଆଉ ସହଯୋଗୀ ଗଣେଶଙ୍କ ଚଉଦ ପୁରୁଷ ଉଝାଳିଥିଲେ । ନିଜ ଦଳର ବିଧାୟକ ହୋଇଥିବା ସତ୍ତ୍ୱେ ଶଙ୍ଖପତି ତୁରନ୍ତ ଗଣେଶଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ତାଙ୍କ ଠାରୁ ଦଳ ସବୁ ସମ୍ପର୍କ ଛିନ୍ନ କରିଥିଲା । ମାତ୍ର ସେଇ ଗଣେଶଙ୍କୁ ଆଣି ସାଂସଦ ଅପରାଜିତା ଏବେ ପଦ୍ମ ଦଳରେ ମିଶାଇବା ଘଟଣା ପୃଥ୍ୱୀରାଜ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଚିଲିକାରେ ତାଙ୍କ ଦଳର କର୍ମୀ ଓ କର୍ମକର୍ତ୍ତାମାନେ ଏ ସଂକ୍ରାନ୍ତରେ ତାଙ୍କୁ ପଚାରୁଥିବା ପ୍ରଶ୍ନର ଉତ୍ତର ନା ଦଳ ଦେଇ ପାରୁଛି, ନା ପୃଥ୍ୱୀରାଜ । ଗଣେଶ ଫାଶରେ ପଡ଼ି କଲବଲ ହେଉଥିବା ପୃଥ୍ୱୀରାଜଙ୍କୁ ସୁରକ୍ଷା ଦେବାକୁ ତାଙ୍କ ରାଜନୈତିକ ପୃଷ୍ଠପୋଷକଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ, ସେମାନେ କୁଆଡ଼େ ହାତ ଟେକି ଦେଇଛନ୍ତି । ଆପଣା ସୁନା ତ ଭେଣ୍ଡି, ପୃଥ୍ୱୀରାଜ ଏ କଥା କହିବେ କାହାକୁ ।



## ଏପଟେ ପଦ୍ମ, ସେପଟେ ହାତ

ହାତ ପାର୍ଟିର ପୁରୁଖା ଆଉ ଛାମୁଆଁ ନେତା ହେଲେ ଜଟଣୀ ବୀର ସୁର ରାଉତରାୟ । ତାଙ୍କ ହାତ କାଟିଦେଲେ କଂଗ୍ରେସ ରକ୍ତ ଝରଝର ହୋଇ ବହି ପଡ଼ିବ, ଛାତି ଚିରିଦେଲେ କଂଗ୍ରେସ ଦଳର ଚିହ୍ନ ହାତ ଜଳଜଳ ଦିଶିବ ବୋଲି ସୁର ଅନେକ ସମୟରେ ବଡ଼ପାଟିରେ କହି ବୁଲୁଥିବା ଅନେକ ଶୁଣିଥିବେ । ନିଜକୁ ମହତାବ ଆଉ ଜାନକୀଙ୍କ ଘନିଷ୍ଠ ବୋଲି ଦାବି କରୁଥିବା ସୁର ଆଗାମୀ ଦିନରେ କୁଆଡ଼େ ଦୁଇ ଭୂମିକାରେ ଅବତୀର୍ଣ୍ଣ ହେବେ । ଜଣେ ପୁଅ ପାଇଁ ହାତ ଦଳର ପ୍ରଚାର କରିବେ, ଆଉ ଜଣେ ପୁଅ ପାଇଁ ପଦ୍ମ ଦଳର ଗୁଣଗାନ କରିବେ । ଏ କଥାରେ କେତେ ସତ ଅଛି, ଆମକୁ ଜଣାନାହିଁ; ମାତ୍ର ତାଙ୍କ ପୁଅମାନଙ୍କ କଥାରୁ ବୁମ୍ ଧାରୀ ସାମ୍ବାଦିକମାନେ ଏହାହିଁ ଅନୁମାନ କରୁଛନ୍ତି । ଜାତୀୟସ୍ତରରେ ହାତ ଦଳିଆ ଆଉ ପଦ୍ମ ଦଳିଆଙ୍କ ମଧ୍ୟରେ ସାପ-ନେଉଳ ସମ୍ପର୍କ ପରି ହୋଇଥିଲେ ହେଁ ଓଡ଼ିଶାରେ କେହିକେହି ମାଷ୍ଟର କ୍ୟାଣ୍ଟିନ ମଠକୁ ରାମମନ୍ଦିର ଆଖଡ଼ାର ଶାଖା କାର୍ଯ୍ୟାଳୟ କହୁଥିବା ଶୁଣାଯାଏ । ରାମମନ୍ଦିର ଆଖଡ଼ାରେ ମନମୋହନ ଏଣ୍ଡ କୋଃଙ୍କ ଝାଞ୍ଜ ସାଙ୍ଗରେ ତାଳ ମିଳାଇ ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ ଶରତ ଆଉ ତାଙ୍କ ସହଯୋଗୀମାନେ ଶଙ୍ଖ ଦଳ ବିରୋଧରେ ମୃଦଙ୍ଗ ବଜାଉଥିବା ବିଭିନ୍ନ ସମୟରେ ଲୋକମାନେ ଦେଖିଛନ୍ତି । ତେଣୁ ଜଟଣୀରେ ପଦ୍ମ ଆଉ ସତ୍ୟବାଦୀରେ ହାତ ବା ଜଟଣୀରେ ହାତ ବା ସତ୍ୟବାଦୀରେ ପଦ୍ମ ପାଇଁ ସୁର ପ୍ରଚାର କରିବାକୁ ବାହାରିଲେ ଆପତ୍ତି କରିବ କିଏ ?

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।